


ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଫେବୃୟାରୀ ୨୦୨୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Breaking Personal and Generational Bondages (Odia)**

# ବ୍ୟକ୍ତିଗତ ଓ ବଂଶଗତ
## ବନ୍ଧନସବୁକୁ
# ଛିନ୍ନ କରିବା

# ସୂଚୀପତ୍ର


| | | |
|---|---|---|
| ମୁଖବନ୍ଧ | | ୧ |
| ୧. | ବଂଶଗତ ବନ୍ଧନ କ'ଣ ? | ୫ |
| ୨. | ଅପରାଧ ଓ ପାପ | ୧୨ |
| ୩. | ପାରିବାରିକ ବନ୍ଧନସବୁ ସୃଷ୍ଟି ହେବାର କାରଣ କ'ଣ ? | ୧୬ |
| ୪. | ବ୍ୟକ୍ତିଗତ ଓ ପାରିବାରିକ ବନ୍ଧନସବୁକୁ ଚିହ୍ନିବା | ୨୨ |
| ୫. | ଏଥିରୁ କିପରି ମୁକ୍ତି ପାଇବା ? | ୨୪ |
| | କେତେକ ସାଧାରଣ ପ୍ରଶ୍ନର ଉତର | ୩୨ |
| | ପ୍ରସ୍ତୁତି | ୪୦ |
| | ପ୍ରାର୍ଥନା | ୪୧ |

# ମୁଖବନ୍ଧ

ଲୋକମାନେ ସମ୍ମୁଖୀନ ହେଉଥିବା କେତେକ ସମସ୍ୟାର ଉତ୍ସ ସେମାନଙ୍କ ପୂର୍ବ ପିଢ଼ି ହୋଇପାରନ୍ତି । ସେଥିରୁ କେତୋଟି ପୂର୍ବ ପିଢ଼ି କେହି ପାପପୂର୍ଣ୍ଣ ଜୀବନଶୈଳୀ ବିତାଇଥିବାରୁ ବା ତାନ୍ତ୍ରିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ଆସିଥାଇପାରେ । ଉଦାହରଣସ୍ୱରୂପ, କୌଣସି ପରିବାରରେ ଜେଜେବାପା ହୁଏତ ଦେବାଳିଆ ହୋଇ ପଡ଼ିଥିଲେ, ଯାହା ତାଙ୍କ ପୁତ୍ରମାନଙ୍କ ନିକଟକୁ ଆସିଥିବ । ତାଙ୍କ ପୁଅମାନଙ୍କର ପିଲାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକେ ଦେବାଳିଆ ହୋଇ ଯାଇଥିବେ । ତେଣୁ, ପିଢ଼ି ପରେ ପିଢ଼ି, ଏକାଧିକ ବ୍ୟକ୍ତି ସେହି ସମସ୍ୟା ଭୋଗିଥାନ୍ତି ।

ଅନ୍ୟ ଏକ ଉଦାହରଣ ନେବା । ହୁଏତ ଜେଜେବାପା ଖୁବ୍ ମଦ୍ୟପାନ କରୁଥିଲେ । ତାଙ୍କ ପୁଅ ବି ପରବର୍ତ୍ତୀ ସମୟରେ ମଦ୍ୟପ ହୋଇଯାଇପାରେ ଓ ଏହି ଅଭ୍ୟାସ ତୃତୀୟ ପିଢ଼ିର ଲୋକମାନଙ୍କ ନିକଟକୁ ଆସିଥାଏ । ଏପରି କେତେକ ରୀତି ରହିଥାଇପାରେ ଯହିଁରେ ସମସ୍ତେ ଏକପ୍ରକାର ସମସ୍ୟାକୁ ନେଇ ସଂଘର୍ଷ କରିଥାନ୍ତି । ପାରିବାରିକ ବୃକ୍ଷରେ, କେବଳ ବ୍ୟକ୍ତି ବିଶେଷଠାରେ ନୁହେଁ, ଏପରି କିଛି ବିଷୟ ରହିଥାଏ ଯାହା ପିଢ଼ି ପରେ ପିଢି ଏକ ଦୃଷ୍ଟାନ୍ତ ସୃଷ୍ଟି କରେ । ଏହି ପ୍ରକାର ପୁନରାବୃତ୍ତି ହେଉଥିବା ସମସ୍ୟାସବୁର କାରଣ କ'ଣ ହୋଇପାରେ ଯାହା ଜୀବନଶୈଳୀ ବ୍ୟବହାର, ଜୀବନର ଅନୁଭୂତି, ବିପର୍ଯ୍ୟୟ, ଇତ୍ୟାଦିରେ ପରିଦୃଷ୍ଟ ହୁଏ ? ପିଢ଼ି ପରେ ପିଢ଼ି ପୁନରାବୃତ୍ତି ଘଟୁଥିବା ଏସମସ୍ତ ସମସ୍ୟାରେ କୌଣସି ଆତ୍ମିକ କାରଣ ରହିଛି କି ? ଯଦି ତାହା ଅଟେ, ତେବେ ଏସବୁ ଲକ୍ଷଣର ପ୍ରତିକାର କରିବା ପାଇଁ ଜଣେ ଗଭୀରତା ମଧ୍ୟକୁ ଯିବା ଆବଶ୍ୟକ । ଏହାର ମୂଳ କାରଣର ପ୍ରତିକାର କରାଯିବା ଆବଶ୍ୟକ ଯାହା ଆତ୍ମିକ ସ୍ୱଭାବ ବିଶିଷ୍ଟ ହୋଇଥାଇପାରେ ।

## ବଂଶଗତ ବନ୍ଧନସବୁର କେତେକ ଉଦାହରଣ

ଆମମାନଙ୍କ ଜୀବନରେ ଆମେ ଯେଉଁସବୁ ସମସ୍ୟାର ସାମ୍ନା କରୁ ସେସବୁରୁ ଅନେକର କାରଣ ବଂଶଗତ ବନ୍ଧନ ଜନିତ ହୋଇପାରେ- ପାପପୂର୍ଣ୍ଣ ବ୍ୟବହାର ଓ ଜୀବନ ଶୈଳୀ ଧାରାଗୁଡ଼ିକ, ଯେପରି ମିଛ କହିବା, ଠକିବା, କ୍ରୋଧ, ହିଂସାକାଣ୍ଡ ଭିଆଇବା, ଜୁଆଖେଳ,

ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ବ୍ୟଭିଚାର, ଅନୈତିକ ଜୀବନ ଯାପନ, ବିନାଶକାରୀ ବ୍ୟକ୍ତିତ୍ୱ, ଅସଦ୍ ବ୍ୟବହାର, ଆତ୍ମହତ୍ୟା ପ୍ରବଣତା, କର୍ମମଣ୍ଡ, ଇତ୍ୟାଦି । ଏହି ତାଲିକା ଆହୁରି ବଡ଼ ହୋଇପାରିବ । ଜୀବନର ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରହିଛି– ବାରମ୍ବାର ଅସୁସ୍ଥ ହେବା, ଛାଡ଼ପତ୍ର ଦେବା ବିଷୟ ଚିନ୍ତା କରିବା, ଆର୍ଥିକଭାବେ ଦେବାଳିଆ, ବ୍ୟବସାୟରେ ବାରମ୍ବାର ବିଫଳ ହେବା, ଅନ୍ୟାନ୍ୟ କ୍ଷେତ୍ରରେ ବିଫଳତା, ଅବସାଦ, ମାନସିକ/ଆବେଗପ୍ରବଣ, ସ୍ୱାସ୍ଥ୍ୟହାନି, ଅଯୌକ୍ତିକ ଭୟ, ଅସୁରକ୍ଷା ଭାବ, ନିକୃଷ୍ଟ ଆତ୍ମ-ପ୍ରତିକୃତି, ପ୍ରତ୍ୟାଖ୍ୟାନ, ଦାରିଦ୍ର୍ୟ, ଖାଦ୍ୟଜନିତ ବିକାର, ଅବିବାହିତ ପିତାମାତାଙ୍କଠାରୁ ଜାତ ସନ୍ତାନ, ଶାରୀରିକ ବା ଆବେଗପ୍ରବଣ ଅକ୍ଷମତା, ବନ୍ଧ୍ୟାଦୋଷ, ଗର୍ଭପାତ, ବାରମ୍ବାର ଦୁର୍ଘଟଣା ଘଟିବା, ଦୁର୍ଘଟଣା ପ୍ରବଣତା, ଅସ୍ୱାଭାବିକ ବା ଅକାଳ ମୃତ୍ୟୁଭୋଗ, ଇତ୍ୟାଦି ମଧ୍ୟ ତଥାକଥିତ 'ବଂଶଗତ ବନ୍ଧନସବୁ' ହୋଇପାରନ୍ତି ।

## ସାର୍ବଜନୀନ ପ୍ରତିକାର ନୁହେଁ

ଏହି ଅଧ୍ୟୟନରେ ଆଗକୁ ବଢ଼ିବା ଆଗରୁ ଆମେ ବୁଝିବା ଆବଶ୍ୟକ ଯେ ଆମଠାରେ ଥିବା ବଂଶଗତ ବନ୍ଧନସବୁର ପ୍ରତିକାର କରିବା, ଆମେ ସାମ୍ନା କରୁଥିବା ପ୍ରତ୍ୟେକ ସମସ୍ୟାର ସମାଧାନ ନୁହେଁ । ବଂଶଗତ ବନ୍ଧନସବୁକୁ ବୁଝିବା ଓ ଛିନ୍ନ କରିବା ଜୀବନର ସବୁ ସମସ୍ୟାକୁ ସମାଧାନ କରି ନ ଥାଏ । ପ୍ରତ୍ୟେକ ସମସ୍ୟା ଏକ ବଂଶଗତ ବନ୍ଧନ ଯୋଗୁଁ ସୃଷ୍ଟି ହୋଇ ନ ଥାଏ । ଉଦାହରଣ ସ୍ୱରୂପ, ଯଦି ଜଣେ ସବୁବେଳେ ମୁଣ୍ଡବ୍ୟଥା ଯୋଗୁଁ କଷ୍ଟ ପାଉଛି, ତେବେ ତାହା ବଂଶଗତ ବନ୍ଧନ ଯୋଗୁଁ ନୁହେଁ ମାତ୍ର ସେ ଯଥେଷ୍ଟ ସମୟ ନ ଶୋଇଥିବାରୁ ଏପରି ହୋଇଥାଏ । ତେଣୁ କେଉଁ ବିଷୟ ବଂଶଗତ ବନ୍ଧନ ଜନିତ ସେ ବିଷୟରେ ଯତ୍ନର ସହିତ ଚିନ୍ତା କରି ଆମେ ମତାମତ ଦେବା ଉଚିତ । ଏହା ହିଁ ଏକମାତ୍ର ବିଷୟ ବୋଲି ମନେ କରି ଜୀବନଯାପନ କରିବା ଅନୁଚିତ । କୌଣସି ସମସ୍ୟା ପଛରେ ଅନ୍ୟାନ୍ୟ କାରଣମାନ ମଧ୍ୟ ରହିଥାଏ ।

## ଅନ୍ୟାନ୍ୟ କାରଣମାନ

ଯଦିବା କେତେକ ପାପପୂର୍ଣ୍ଣ ବ୍ୟବହାରର ଦୃଷ୍ଟାନ୍ତ ପିଢ଼ି ପରେ ପିଢ଼ିକୁ ସଞ୍ଚରିତ ହୋଇଥାଏ, ଅନ୍ୟାନ୍ୟ କାରଣମାନ ମଧ୍ୟ ରହିଛି । ଆତ୍ମିକ କାରଣ ସାଙ୍ଗକୁ ବ୍ୟକ୍ତିଗତ, ବଂଶାନୁକ୍ରମିକ ଓ ପାରିପାର୍ଶ୍ୱିକ କାରଣସବୁ ମଧ୍ୟ ରହିଛି । ଉଦାହରଣ ସ୍ୱରୂପ, କେହି କେହି ଔଷଧ ଉପରେ

ନିର୍ଭରଶୀଳ ହୋଇ ଚଳିଥାନ୍ତି । ଏହାର ଅର୍ଥ ନୁହେଁ ଯେ ତାଙ୍କ ପୂର୍ବ ପିଢ଼ିର କେହି ଏପରି ନିର୍ଭରଶୀଳ ଥିଲେ, କିନ୍ତୁ ଯଦି ବ୍ୟକ୍ତିର ଭୁଲ ମାର୍ଗରେ ଚାଳିତ ଜୀବନଶୈଳୀର ମନ୍ଦ ପ୍ରଭାବଯୁକ୍ତ, ତେବେ ଏପରି ଘଟିପାରେ ।

## ଏହି ସତ୍ୟକୁ ଜାଣିବା ଓ ପ୍ରୟୋଗ କରିବାର ଆବଶ୍ୟକତା

ତେବେ, ବଂଶଗତ ବନ୍ଧନଗୁଡ଼ିକ କ'ଣ ବୁଝିବା ଓ ଏହି ସତ୍ୟକୁ ପ୍ରୟୋଗ କରିବା ଗୁରୁତ୍ୱପୂର୍ଣ୍ଣ, ଯେପରି କି ଏହି ବନ୍ଧନଗୁଡ଼ିକ ଯଦି ସମସ୍ୟାର ମୂଳକାରଣ, ଏହାର ସ୍ଥାୟୀ ସମାଧାନ କ'ଣ ହେବା ଉଚିତ ଆମେ ବାହାର କରି ପାରିବା । ସମସ୍ୟାର ମୂଳକାରଣର ପ୍ରତିକାର ଯଦି ଆମେ କରି ନ ପାରୁ ଏହାର ସ୍ଥାୟୀ ସମାଧାନ ହୋଇ ପାରିବ ନାହିଁ । ଆମ ନିଜ ନିମନ୍ତେ ଓ ଆମେ ଯେଉଁମାନଙ୍କ ନିକଟରେ ସେବାକାର୍ଯ୍ୟ କରୁଛୁ ସେମାନଙ୍କ କ୍ଷେତ୍ରରେ ଆମେ ଏହା ପ୍ରୟୋଗ କରିବା ଆବଶ୍ୟକ ।

**ଏଫିସୀୟ ୬:୧୨**
**କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ।**

ଆମମାନଙ୍କ ଯୁଦ୍ଧ "ରକ୍ତମାଂସ" ବିରୁଦ୍ଧରେ ନୁହେଁ- ଲୋକମାନଙ୍କ ସହିତ ନୁହେଁ, କିନ୍ତୁ ଆତ୍ମିକ ଦୁଷ୍ଟତା, ପୈଶାଚିକ ଶକ୍ତି, ଅନ୍ଧକାରର ଶକ୍ତି ବିରୁଦ୍ଧରେ, ଅର୍ଥାତ୍ ଶୟତାନ ଓ ଭୂତାତ୍ମାମାନଙ୍କ ବିରୁଦ୍ଧରେ ଯେଉଁମାନେ ଆମକୁ ଆକ୍ରମଣ କରିବାକୁ ଓ ଆମ ବିରୁଦ୍ଧରେ ଯୁଦ୍ଧ କରିବାକୁ ଚେଷ୍ଟିତ ଥାଆନ୍ତି । ଏଥିଯୋଗୁଁ ଏକ ଆତ୍ମିକ ଯୁଦ୍ଧ ହୋଇଥାଏ । ତେଣୁ, ଆମେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଥାଉ ସେଥିର ଅନେକର ମୂଳକାରଣ ଆତ୍ମିକ ଅଟେ ।

ଈଶ୍ୱରଙ୍କ ବାକ୍ୟ ଚେତାବନୀ ଦିଏ ଯେପରିକି ଆମେ ଶୟତାନକୁ ପ୍ରଶୟ ଦେବା ନାହିଁ । "ଶୟତାନକୁ ସ୍ଥାନ ଦିଅ ନାହିଁ" (ଏଫିସୀୟ ୪:୨୭) । ଆମେ ସତର୍କ ରହିବା ଯେପରି ସେ କୌଣସି ମତେ ପ୍ରବେଶ କରି ନ ପାରେ । ଶୟତାନ କିପରି କାର୍ଯ୍ୟ କରେ ଓ ଆମମାନଙ୍କ ଜୀବନରେ ପ୍ରବେଶ କରେ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଅଟେ । ତା' ହେଲେ ଆମେ ଜାଣିବା କିପରି ଶୟତାନକୁ ସଫଳତାର ସହିତ ଆମେ ପ୍ରତିରୋଧ କରିପାରିବା । ଶୟତାନ କିପରି ଆମମାନଙ୍କ ଜୀବନରେ ଅନୁପ୍ରବେଶ କରିଥାଏ ତାହା ଯଦି ସଠିକ୍ ଭାବରେ ନିରୂପଣ ନ କରିବା, ଆମେ ମଧ୍ୟ ତା'କୁ ଆମ ଜୀବନରୁ ବିତାଡ଼ିତ କରିବା

ବିଷୟରେ ଜାଣିପାରିବା ନାହିଁ । ଆମେ ଯଦି ସମସ୍ୟାର ମୂଳ ବିଷୟକୁ ପ୍ରତିକାର ନ କରିବା, ଏହା ଏକ "ଛାୟା ଯୁଦ୍ଧ" ସଦୃଶ ହେବ, ଅର୍ଥାତ୍ ବ୍ୟକ୍ତିସହିତ ଯୁଦ୍ଧ ନ କରି ତା'ର ଛାୟା ସହିତ ଯୁଦ୍ଧ କରିବା ।

## ଭାବପ୍ରକାଶନ ଶବ୍ଦାବଳୀ ଓ ପାରିଭାଷିକ ଶବ୍ଦାବଳୀ

ଖ୍ରୀଷ୍ଟୀୟ ଜଗତରେ ପ୍ରାୟଶଃ 'ପାରିବାରିକ ଅଭିଶାପ' ଓ 'ବଂଶଗତ ଅଭିଶାପ' ଶବ୍ଦାବଳୀ ବ୍ୟବହୃତ ହୋଇଥାଏ । ଏହି ପୁସ୍ତକରେ ଆମେ 'ଅଭିଶାପ' ଶବ୍ଦକୁ ବ୍ୟବହାର କରିନାହୁଁ । ଏହା ପରିବର୍ତ୍ତେ 'ବନ୍ଧନ' ଶବ୍ଦ ବ୍ୟବହୃତ ହୋଇଛି କାରଣ ଆମ ବିଚାରରେ ଏହା ଅଧିକ ବୋଧଗମ୍ୟ ଅଟେ ଓ ସମସ୍ୟାର ସ୍ୱଭାବକୁ ସଠିକ୍‌ରୂପେ ପ୍ରକାଶ କରେ । 'ଅଭିଶାପ' କହିଲେ ବାଚନିକ ଘୋଷଣା ଅଟେ, ବେଳେବେଳେ ଆମ ଜୀବନକୁ ଲକ୍ଷ୍ୟ କରି ତାହା କୁହାଯାଇଥାଏ । ତେବେ ଯେଉଁସବୁ କ୍ଷେତ୍ରରେ ଶତ୍ରୁ ପାରିବାରିକ ବଂଶଧାରାରେ ପ୍ରବେଶ କରି ସେହି ପାରିବାରିକ ବୃକ୍ଷର ବିଭିନ୍ନ ଲୋକଙ୍କୁ ପରବର୍ତ୍ତୀ ପିଢ଼ିସବୁରେ ବନ୍ଧନରେ ରଖିଥାଏ, ତାହା ଆମେ ଏଠାରେ ଆଲୋଚନା କରିବା । ବେଳେବେଳେ 'ପାରିବାରିକ ଅଭିଶାପ', 'ବଂଶଗତ ଅଭିଶାପ' ଓ 'ବଂଶଗତ ବନ୍ଧନ' ଶବ୍ଦାବଳୀ ଅଦଳ ବଦଳ କରି ବ୍ୟବହୃତ ହୋଇଛି । ତେବେ ଆମେ ବୁଝିବାକୁ ହେବ ଯେ ବ୍ୟବହୃତ ଶବ୍ଦାବଳୀ ଯାହା ହେଲେ ସୁଦ୍ଧା ଏହି ସତ୍ୟ ଜାଣିବା ଓ ଆମ ଜୀବନରେ ତାକୁ ପ୍ରୟୋଗ କରିବା ଗୁରୁତ୍ୱପୂର୍ଣ୍ଣ ।

ବଂଶଗତ ବନ୍ଧନଗୁଡ଼ିକ କ'ଣ ବୁଝିବା ଓ ଏହି ସତ୍ୟକୁ ପ୍ରୟୋଗ କରିବା ଗୁରୁତ୍ୱପୂର୍ଣ୍ଣ, ଯେପରି କି ଏହି ବନ୍ଧନଗୁଡ଼ିକ ଯଦି ସମସ୍ୟାର ମୂଳକାରଣ, ଏହାର ସ୍ଥାୟୀ ସମାଧାନ କ'ଣ ହେବା ଉଚିତ ଆମେ ବାହାର କରି ପାରିବା ।

# ୧

# ବଂଶଗତ ବନ୍ଧନ କ'ଣ ?

**ଯାତ୍ରାପୁସ୍ତକ ୨୦ :୩-୬**
**୩ ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।**
**୪ ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ; କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମା ନିର୍ମାଣ କରିବ ନାହିଁ ।**
**୫ ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବା ନାହିଁ, କି ସେମାନଙ୍କର ସେବା କରିବ ନାହିଁ; ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ-ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ, ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳଦାତା;**
**୬ ମାତ୍ର ଯେଉଁମାନେ ଆମ୍ଭଙ୍କୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳନ କରନ୍ତି, ଆମ୍ଭେ ସେମାନଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ ।**

ଏଠାରେ ପ୍ରଭୁ ଦୁଇଟି ଆଜ୍ଞା ଦେଇଛନ୍ତି । ପ୍ରଥମଟି, ତାହାଙ୍କ ବିନା ଅନ୍ୟ କୌଣସି ଦେବତାକୁ ଈଶ୍ୱର ବୋଲି ସ୍ୱୀକାର କରିବାକୁ ହେବ ନାହିଁ । ଦ୍ୱିତୀୟଟି, କେହି ପ୍ରତିମା ପୂଜା କରିବ ନାହିଁ । ଏହିସବୁ ଆଜ୍ଞା ଲଂଘନ କଲେ ପରିଣତି କ'ଣ ହେବ ସେ ବିଷୟରେ ବି ସେ କହନ୍ତି । ତୃତୀୟ ଓ ଚତୁର୍ଥ ପିଢ଼ି ପର୍ଯ୍ୟନ୍ତ, ସନ୍ତାନମାନେ ଏହି ପୈତୃକ ଅପରାଧର ପ୍ରତିଫଳ ପାଇବେ ବୋଲି ସେ କହନ୍ତି । ଏଠାରେ ଆମେ ଦେଖୁ ଯଦି ଏକ ନିର୍ଦ୍ଦିଷ୍ଟ ପିଢ଼ି ମିଥ୍ୟା ଦେବଦେବୀ ବା ପ୍ରତିମାକୁ ପ୍ରଣାମ କରେ ତେବେ ଏହା ପରବର୍ତ୍ତୀ ପିଢ଼ି ଗୁଡ଼ିକର ଜୀବନରେ ଅପରାଧ ପ୍ରବେଶ କରିବାର ଦ୍ୱାର ଖୋଲିଦେବ । ଏହାକୁ ଆମେ 'ବଂଶଗତ ବନ୍ଧନ' କହୁ ।

ପ୍ରଥମ କରି ଏଠାରେ ବଂଶଗତ ବନ୍ଧନ ବିଷୟରେ କୁହାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ ସ୍ୱୟଂ ଈଶ୍ୱର ଏବିଷୟରେ କହିଛନ୍ତି । ଏଣୁ ଭୟରେ ରହିଥିବା ଲୋକମାନେ ବଂଶଗତ ବନ୍ଧନର ଚିନ୍ତାଧାରା ପୋଷଣ କରି ନ ଥିଲେ । କିଅବା ଲୋକମାନଙ୍କୁ ଭୟଭୀତ କରି

କୌଶଳର ସହିତ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ନେତାମାନେ ଏହି ଚିନ୍ତାଧାରା ପ୍ରଚଳନ କରି ନ ଥିଲେ । ସ୍ୱୟଂ ପ୍ରଭୁ ପରମେଶ୍ୱର ହିଁ ପିଢ଼ି ପରେ ପିଢ଼ିକୁ ଅନୁଗମନ କରୁଥିବା ପାପ ବିଷୟରେ କହିଥିଲେ ।

ଏହି ଚିନ୍ତାଧାରା ଅନ୍ତତଃ ଚାରୋଟି ସ୍ଥାନରେ ପ୍ରକାଶିତ ହୋଇଛି । ତେଣୁ ବାଇବଲର ଏକ ନିର୍ଦ୍ଦିଷ୍ଟ ଘଟଣାକୁ ଭିତ୍ତି କରି ଆମେ ଏକ ଧର୍ମତତ୍ତ୍ୱର ବିକାଶ କରୁ ନାହୁଁ । ନିମ୍ନ ଶାସ୍ତ୍ରାଂଶଗୁଡ଼ିକୁ ଦେଖନ୍ତୁ ଯହିଁରେ ଏହି ଚିନ୍ତାଧାରା ପ୍ରକାଶିତ ହୋଇଛି ।

**ଯାତ୍ରାପୁସ୍ତକ ୩୪ :୭**
**ସହସ୍ର ସହସ୍ର ପୁରଷ ପର୍ଯ୍ୟନ୍ତ ଦୟାରକ୍ଷାକାରୀ, ଅପରାଧ ଓ ଆଜ୍ଞାଲଙ୍ଘନ ଓ ପାପ କ୍ଷମାକାରୀ, ତଥାପି ନିତାନ୍ତ ତହିଁର ଦଣ୍ଡଦାତା, ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ପୁତ୍ରପୌତ୍ରାଦି ଉପରେ ପିତୃଗଣର ଅପରାଧର ପ୍ରତିଫଳଦାତା ।**

**ଗଣନାପୁସ୍ତକ ୧୪ : ୧୮**
**ସଦାପ୍ରଭୁ କ୍ରୋଧରେ ଧୀର ଓ ଦୟାରେ ପରିପୂର୍ଣ୍ଣ ଓ ଅପରାଧ ଓ ଆଜ୍ଞାଲଙ୍ଘନର କ୍ଷମାକାରୀ, ତଥାପି ନିତାନ୍ତ ତହିଁର ଦଣ୍ଡଦାତା; ପୁଣି ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନଗଣ ଉପରେ ପିତୃଗଣର ଅପରାଧର ପ୍ରତିଫଳଦାତା ।**

**ଦ୍ୱିତୀୟ ବିବରଣ ୫ : ୯**
**ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ, କି ସେମାନଙ୍କର ସେବା କରିବ ନାହିଁ; ଯେହେତୁ ଆମ୍ଭେ ସଦାପ୍ରଭୁ ସ୍ୱଗୌରବ-ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ । ଯେଉଁମାନେ ଆମ୍ଭଙ୍କୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କର ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳଦାତା ।**

**ଯିରିମିୟ ୩୨ : ୧୮**
**ତୁମ୍ଭେ ସହସ୍ର ସହସ୍ରର ପ୍ରତି ଦୟା ପ୍ରକାଶ କରୁଅଛ ଓ ପିତୃଗଣର ଅଧର୍ମର ପ୍ରତିଫଳ ସେମାନଙ୍କ ଉତ୍ତାରେ ସେମାନଙ୍କ ସନ୍ତାନଗଣରେ କ୍ରୋଡ଼ରେ ଦେଉଅଛ; ତୁମ୍ଭେ ମହାନ୍ ପରାକ୍ରାନ୍ତ ପରମେଶ୍ୱର, ସୈନ୍ୟାଧିପତି ସଦାପ୍ରଭୁ ତୁମ୍ଭର ନାମ ।**

## ପ୍ରତିମା ପୂଜା

ପ୍ରତିମା ପୂଜା ଭୁଲ ଅଟେ ! ଇଶ୍ୱର ପ୍ରତିମା ପୂଜା ନ କରିବାକୁ କହିଛନ୍ତି । ଆମେ କୌଣସି ଖୋଦିତ, କାଗଜରେ ଅଙ୍କିତ ଛବି, ଇଲେକ୍ଟ୍ରୋନିକ୍ ପ୍ରତିମା ବା ଅନ୍ୟ କିଛି ବିଷୟକୁ ପ୍ରଣାମ ବା ପୂଜା କରି ନ ପାରୁ । ଆମେ କେବଳ ସତ୍ୟ ଓ ଜୀବିତ ଇଶ୍ୱରଙ୍କୁ ଆତ୍ମା ଓ

ସତ୍ୟରେ ଉପାସନା କରିବାକୁ ହେବ । ତେଣୁ କରି ଆମେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବା:

- ଯୀଶୁଙ୍କର ବା କୌଣସି ସାଧୁଙ୍କର ବା ଅନ୍ୟ କିଛିର ପ୍ରତିମା ବା ପ୍ରତିକୃତି ଆଗରେ ମୁଣ୍ଡ ନୁଆଁଇବା ବା ପ୍ରଣାମ କରିବା କାହିଁକି ଅନୁଚିତ ?
- ଯୀଶୁଙ୍କର ଏକ ଛବିକୁ ପୂଜା କରିବା କାହିଁକି ଭୁଲ ଅଟେ ?

ପ୍ରତିମାପୂଜା ବିରୁଦ୍ଧରେ ଧର୍ମଶାସ୍ତ୍ର କ'ଣ କୁହେ ଆସନ୍ତୁ ଦେଖିବା

**୧କରିନ୍ଥୀୟ୧୦:୧୯-୨୨**
**୧୯ ତେବେ ଦେବପ୍ରସାଦ ବୋଲି ଯେ କିଛି ଅଛି ବା ପ୍ରତିମା ବୋଲି ଯେ କିଛି ଅଛି, ଏହା କି ମୁଁ କହୁଅଛି ?**
**୨୦ ନା, କିନ୍ତୁ ମୁଁ କହୁଅଛି ଯେ, ଯାହା ଯାହା ସେମାନେ ବଳିରୂପେ ଉତ୍ସର୍ଗ କରନ୍ତି, ସେହିସବୁ ସେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ନ କରି ଭୂତମାନଙ୍କ ଉଦ୍ଦେଶ୍ୟରେ କରନ୍ତି । ଆଉ, ତୁମ୍ଭେମାନେ ଯେ ଭୂତମାନଙ୍କ ସହଭାଗୀ ହୁଅ, ଏହା ମୋହର ଇଚ୍ଛା ନୁହେଁ ।**
**୨୧ ତୁମ୍ଭେମାନେ ପ୍ରଭୁଙ୍କ ପାନପାତ୍ର ଓ ଭୂତମାନଙ୍କ ପାନପାତ୍ର ଉଭୟରେ ପାନ କରି ପାର ନାହିଁ, ତୁମ୍ଭେମାନେ ପ୍ରଭୁଙ୍କ ମେଜ ଓ ଭୂତମାନଙ୍କ ମେଜ ଉଭୟର ଅଂଶୀ ହୋଇ ପାର ନାହିଁ ।**
**୨୨ ଅଥବା ଆମ୍ଭେମାନେ କଅଣ ପ୍ରଭୁଙ୍କ ବିରକ୍ତି ଜନ୍ମାଇବା ? ଆମ୍ଭେମାନେ କି ତାହାଙ୍କଠାରୁ ବଳବାନ୍ ?**

ଧର୍ମଶାସ୍ତ୍ର ଅନୁସାରେ ଗୋଟିଏ ପ୍ରତିମାର କୌଣସି ମୂଲ୍ୟ ନାହିଁ । ତେବେ ପ୍ରତିମା ପୂଜାରେ ଯେଉଁସବୁ ବିଷୟ ଉତ୍ସର୍ଗ କରାଯାଏ ତାହା ପ୍ରକୃତରେ ଭୂତମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନୁହେଁ । ତେଣୁ ଏହା ଭୂତମାନଙ୍କ ସହିତ ସହଭାଗିତା ଆଡ଼କୁ କଢ଼ାଇ ନିଏ ଏବଂ ଆମମାନଙ୍କ ଜୀବନରେ ଭୂତମାନଙ୍କ ଶକ୍ତି ପ୍ରବେଶ କରିଥାଏ । ଆମେମାନେ ଯେତେବେଳେ ଈଶ୍ୱରଙ୍କର ପ୍ରଶଂସା ଓ ଉପାସନା କରୁ, ଆମେ ଜୀବିତ ଈଶ୍ୱରଙ୍କ ସହିତ ସହଭାଗିତା ରକ୍ଷା କରୁ ଏବଂ ସେ ଆମମାନଙ୍କ ହୃଦୟ ଓ ଜୀବନରେ ପ୍ରବେଶ କରିଥାନ୍ତି । ସେହିପରି ଯଦି କେହି ପ୍ରତିମାଗୁଡ଼ିକୁ ପ୍ରଣାମ କରେ ଓ ପୂଜା କରେ ଏବଂ ବଳି ଉତ୍ସର୍ଗ କରେ, ସେ ପୈଶାଚିକ ଶକ୍ତି ସହିତ ସହଭାଗିତା ରକ୍ଷା କରେ, କାରଣ ଏହି ଶକ୍ତି ହିଁ ପ୍ରତିମାସବୁ ସହିତ ଯୋଡ଼ି ହୋଇ ରହିଥାଏ, ଏଣୁ ପୈଶାଚିକ ଶକ୍ତି ଆମ ଜୀବନରେ ପ୍ରବେଶ କରେ ।

## ସାବଧାନତାର ବାକ୍ୟ

ଆମର ଯେଉଁ ବନ୍ଧୁମାନେ ପ୍ରତିମାପୂଜାକୁ ଗୁରୁତ୍ୱ ଦେଇ ଆସିଛନ୍ତି ସେମାନଙ୍କୁ ଏହି ସତ୍ୟ ପ୍ରେମ ଓ ନମ୍ରତାରେ ଆମେ ବୁଝାଇ ଦେବା ଉଚିତ ।

**ହିତୋପଦେଶ ୧୬:୨୧**
**ମନରେ ଜ୍ଞାନୀ ଲୋକ ବୁଦ୍ଧିମାନ ବିଖ୍ୟାତ ହୁଏ, ପୁଣି ଓଷ୍ଠାଧରର ମିଷ୍ଟତା ପାଣ୍ଡିତ୍ୟ ବଢ଼ାଏ ।**

ଦ୍ୱିତୀୟ ବିବରଣ ୭ରେ ଈଶ୍ୱର ତାଙ୍କର ଲୋକମାନଙ୍କୁ ପ୍ରତିମାପୂଜା ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦିଅନ୍ତି ।

**ଦ୍ୱିତୀୟ ବିବରଣ ୭:୨୫, ୨୬**
**୨୫ ତୁମ୍ଭେମାନେ ସେମାନଙ୍କ ଦେବଗଣର ଖୋଦିତ ପ୍ରତିମାସକଳ ଅଗ୍ନିରେ ଦଗ୍ଧ କରିବ; ତୁମ୍ଭେ ଯେପରି ଫାନ୍ଦରେ ନ ପଡ଼, ଏଥିପାଇଁ ସେସବୁରେ ଥିବା ରୂପା କି ସୁନା ପ୍ରତି ଲୋଭ କରିବ ନାହିଁ, କିଅବା ଆପଣା ନିମନ୍ତେ ତାହା ଗ୍ରହଣ କରିବ ନାହିଁ, କାରଣ ତାହା ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଘୃଣିତ ବସ୍ତୁ ।**
**୨୬ ପୁଣି ତୁମ୍ଭେ ସେହି ଘୃଣିତ ବସ୍ତୁ ଆପଣା ଗୃହକୁ ଆଣିବ ନାହିଁ, ଆଣିଲେ ତାହା ତୁଲ୍ୟ ବର୍ଜିତ ହେବ; ତୁମ୍ଭେ ତାହା ଅତିଶୟ ଘୃଣା କରିବ ଓ ଅତିଶୟ ତୁଚ୍ଛଜ୍ଞାନ କରିବ; ଯେହେତୁ ତାହା ବର୍ଜନୀୟ ବସ୍ତୁ ।**

ସେମାନେ ଯେପରି କୌଣସି ବର୍ଜନୀୟ ବସ୍ତୁଗୁଡ଼ିକୁ ଗୃହକୁ ନ ନିଅନ୍ତି ଏ ବିଷୟରେ ଈଶ୍ୱର ସେମାନଙ୍କୁ ସାବଧାନ କରାଇ ଦେଇଛନ୍ତି । ପ୍ରତିମାସବୁରେ ଲାଗିଥିବା ମୂଲ୍ୟବାନ ଅଳଙ୍କାର ସୁଦ୍ଧା ନ ନେବାକୁ କୁହାଯାଏ । ଏସବୁ ବିଷୟ ଈଶ୍ୱରଙ୍କର ଘୃଣିତ- ଯାହା ଈଶ୍ୱରଙ୍କ ନିମନ୍ତେ ଅରୁଚିକର । ଯେଉଁମାନେ ଏ ସମସ୍ତ ବର୍ଜନୀୟ ବସ୍ତୁ ସାଙ୍ଗରେ ନେଇଯାନ୍ତି ସେମାନେ ପ୍ରତିମାସବୁ ସହିତ ସଂଯୁକ୍ତ ମନ୍ଦଶକ୍ତିର ବନ୍ଧନ ମଧ୍ୟରେ ରହନ୍ତି । ବନ୍ଧନ ଓ ବିନାଶ ସେମାନଙ୍କ ଜୀବନରେ ପ୍ରବେଶ କରିବ । ପ୍ରତିମାପୂଜା ଯେ ଭୁଲ ଅଟେ ଏହା ତାର ଅନ୍ୟତମ କାରଣ । ପ୍ରତିମା ସଙ୍ଗେ ଜଡ଼ିତ ଶକ୍ତିସମୂହ ଆମକୁ ବନ୍ଧନ ମଧ୍ୟରେ ରଖିବେ । ପ୍ରତିମାମାନଙ୍କ ପରି ଆମେ ବିନଷ୍ଟ ହେବା, ଯଦି ଆମେ ଏ ବିଷୟରେ ଈଶ୍ୱରଙ୍କର ନିର୍ଦ୍ଦେଶକୁ ଅବଜ୍ଞା କରିବ ।

ଆମମାନଙ୍କ ଜୀବନରେ ଈଶ୍ୱରଙ୍କ ସ୍ଥାନ ନେଉଥିବା ଯେ କୌଣସି ବିଷୟ ପ୍ରତିମା ଅଟେ ।

ଆମେ ଯାହାର ଉପାସନା କରୁ ତାହାର ସଦୃଶ ହୋଇଥାଉ । "ସେମାନଙ୍କର ନିର୍ମାଣକାରୀମାନେ ଓ ସେମାନଙ୍କଠାରେ ନିର୍ଭରକାରୀମାନେ ସେମାନଙ୍କ ତୁଲ୍ୟ ହେବେ"

(ଗୀତସଂହିତା ୧୧୫:୮) । ଆମେ ଯେଉଁ ବସ୍ତୁର ପୂଜା କରୁ ତାହା ସଦୃଶ ହୋଇ ଯାଉ । ଆମେମାନେ ଯେତେବେଳେ ପ୍ରତିମାକୁ ପ୍ରଣାମ କରୁ ଓ ପ୍ରତିମାପୂଜା କରୁ, ଯେଉଁ ଆତ୍ମା ସେହି ପ୍ରତିମା ମଧ୍ୟ ଦେଇ କାର୍ଯ୍ୟ କରିଥାଏ ତାହା ଆମମାନଙ୍କ ଜୀବନରେ ପ୍ରବେଶ କରି ଆସ୍ଥାନ ଜମାଏ (ପ୍ରଭାବିତ କରେ) ଓ ଆମକୁ ବନ୍ଧନ ମଧ୍ୟରେ ରଖେ, ଯଦ୍ଦ୍ୱାରା ଆମେ ବାରମ୍ବାର ସେହି ପ୍ରତିମାକୁ ପ୍ରଣାମ କରିଥାଉ । ଆମ ପରେ ଆମ ପିଲାମାନଙ୍କୁ ଓ ସେମାନଙ୍କ ବଂଶଧରମାନଙ୍କୁ, ଆମ ପରିବାର ବୃକ୍ଷର ଅନ୍ୟମାନଙ୍କ ନିକଟରେ ଏହା ପହଞ୍ଚିଥାଏ,  ଫଳରେ ସେମାନେ ମଧ୍ୟ ପ୍ରତିମାପୂଜା କରନ୍ତି ।

## ବ୍ୟକ୍ତିଗତ ବନ୍ଧନ ବନାମ ବଂଶଗତ ବନ୍ଧନ

ଆମେ ଆମ ଜୀବନ ମଧ୍ୟକୁ ଯେଉଁ ଅପରାଧକୁ ଆସିବାକୁ ଦେଇଛୁ, ଯାହା ଆଜି ଆମମାନଙ୍କୁ ପ୍ରଭାବିତ କରୁଛି ତାକୁ ଆମେ *ବ୍ୟକ୍ତିଗତ ବନ୍ଧନ* କହିଥାଉ । ଯଦି ଏହି ଅପରାଧର ଶକ୍ତିକୁ ଆମେ ଅତୁଟ ରଖୁ, ତାହା ପରବର୍ତ୍ତୀ ପିଢ଼ିଗୁଡ଼ିକୁ କବଳିତ କରିପାରେ । ଯଦି ତାହା ପରବର୍ତ୍ତୀ ପିଢ଼ିଗୁଡ଼ିକରେ ମଧ୍ୟ ଦେଖାଗଲା ତେବେ ତାହାକୁ *ବଂଶଗତ ବନ୍ଧନ* କୁହାଯିବ । ଅନେକେ ବଂଶଗତ ବନ୍ଧନ ଉତ୍ତରାଧିକାର ସୂତ୍ରରେ ପାଇଥିବାରୁ ଦୁଃଖଭୋଗ କରିଥାନ୍ତି । ସେମାନେ ନିଜେ ସେସବୁକୁ ନିଜ ଜୀବନକୁ ଆମନ୍ତ୍ରଣ କରି ନ ଥିଲେ । ଆମେ ଯେପରି ଆଗରୁ କହିଛୁ, ଏ ସମସ୍ତ ବନ୍ଧନରେ ଅନେକ ବିଷୟ ରହିଛି, ଯଥା: ପାପପୂର୍ଣ୍ଣ ବ୍ୟବହାର ଓ ଜୀବନଶୈଳୀ ଧାରାଗୁଡ଼ିକ, ଯେପରି ମିଛ କହିବା, ଠକିବା, କ୍ରୋଧ, ହିଂସାକାଣ୍ଡ ଭିଆଇବା, ଜୁଆଖେଳ, ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ବ୍ୟଭିଚାର, ଅନୈତିକ ଜୀବନ ଯାପନ, ବିନାଶକାରୀ ବ୍ୟକ୍ତିତ୍ୱ, ଅସଦ୍ ବ୍ୟବହାର, ଆତ୍ମହତ୍ୟା ପ୍ରବଣତା, କର୍ମମତ୍ତ, ଇତ୍ୟାଦି । ଜୀବନର ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରହିଛି- ବାରମ୍ବାର ଅସୁସ୍ଥ ହେବା, ଛାଡ଼ପତ୍ର ଦେବା ବିଷୟ ଚିନ୍ତା କରିବା, ଆର୍ଥିକଭାବେ ଦେବାଳିଆ, ବ୍ୟବସାୟରେ ବାରମ୍ବାର ବିଫଳ ହେବା, ଅନ୍ୟାନ୍ୟ କ୍ଷେତ୍ରରେ ବିଫଳତା, ଅବସାଦ, ମାନସିକ/ଆବେଗ ପ୍ରବଣ, ସ୍ୱାସ୍ଥ୍ୟହାନି, ଅଯୌକ୍ତିକ ଭୟ, ଅସୁରକ୍ଷା ଭାବ, ନିକୃଷ୍ଟ ଆତ୍ମ-ପ୍ରତିକୃତି, ପ୍ରତ୍ୟାଖ୍ୟାନ, ଦାରିଦ୍ର୍ୟ, ଖାଦ୍ୟଜନିତ ବିକାର, ଅବିବାହିତ ପିତାମାତାଙ୍କଠାରୁ ଜାତ ସନ୍ତାନ, ଶାରୀରିକ ବା ଆବେଗପ୍ରବଣ ଅକ୍ଷମତା, ବନ୍ଧ୍ୟାଦୋଷ, ଗର୍ଭପାତ, ବାରମ୍ବାର ଦୁର୍ଘଟଣା ଘଟିବା, ଦୁର୍ଘଟଣା ପ୍ରବଣତା, ଅସ୍ୱାଭାବିକ ବା ଅକାଳ ମୃତ୍ୟୁଭୋଗ, ଇତ୍ୟାଦି ମଧ୍ୟ ତଥାକଥିତ 'ବଂଶଗତ ବନ୍ଧନସବୁ' ହୋଇପାରନ୍ତି ।

ଏହି ଅଧ୍ୟୟନର ଉଦ୍ଦେଶ୍ୟ କିପରି ଆମେ ବ୍ୟକ୍ତିଗତ ଓ ବଂଶଗତ ବନ୍ଧନସବୁକୁ ଛିନ୍ନ କରିପାରିବା ।

## ଲୋଭ ଏକ ପ୍ରତିମାପୂଜା

ପୁରାତନ ନିୟମରେ ପ୍ରତିମା ବା ମୂର୍ତ୍ତି ଆଗରେ ମୁଣ୍ଡ ନୁଆଁଇବା ପ୍ରତିମା ପୂଜା ଅଟେ । ତେବେ, ନୂତନ ନିୟମରେ ଏହା ଆହୁରି ବ୍ୟାପକ ଅର୍ଥରେ ବ୍ୟବହୃତ ହୋଇଛି ଓ ଲୋଭକୁ ମଧ୍ୟ ପ୍ରତିମାପୂଜା ସଙ୍ଗେ ଯୋଡ଼ାଯାଇଛି ।

**କଲସୀୟ ୩:୫**
**ଅତଏବ, ତୁମ୍ଭମାନଙ୍କର ଶାରୀରିକ ଅଙ୍ଗପ୍ରତ୍ୟଙ୍ଗର କୁପ୍ରବୃତ୍ତିଗୁଡ଼ାକ, ଅର୍ଥାତ୍ ବ୍ୟଭିଚାର, ଅଶୁଚିତା, କାମ, କୁଅଭିଳାଷ ପୁଣି ପ୍ରତିମାପୂଜାରୂପ ଲୋଭ, ଏହିସବୁ ପ୍ରତି ମୃତ ହୁଅ ।**

**ଏଫିସୀୟ ୫:୫**
**କାରଣ ତୁମ୍ଭେମାନେ ନିଶ୍ଚୟରୂପେ ଜାଣ ଯେ, କୌଣସି ବ୍ୟଭିଚାରୀ ବା ଅଶୁଦ୍ଧାଚାରୀ ବ୍ୟକ୍ତି ବା ଲୋଭୀ- ସେ ତ ଦେବପୂଜକ- ଏମାନଙ୍କର ଖ୍ରୀଷ୍ଟ ଓ ଈଶ୍ୱରଙ୍କର ରାଜ୍ୟରେ ଅଧିକାର ନାହିଁ ।**

ଯେ କୌଣସି ପ୍ରକାର ଲୋଭ ବା ଅନିୟନ୍ତ୍ରିତ କାମନା ପ୍ରତିମାପୂଜା ସଙ୍ଗେ ସମାନ । ଉଦାହରଣ ସ୍ୱରୂପ, ଯଦି କାହାର କାମନା ଅନିୟନ୍ତ୍ରିତ ଅଟେ ଯାହାକୁ ଅତ୍ୟନ୍ତ ଆସକ୍ତି କୁହାଯାଏ- ଏହାକୁ ମଧ୍ୟ ପ୍ରତିମାପୂଜା କୁହାଯିବ ଓ ଏହାର ପରିଣାମ ମଧ୍ୟ ପ୍ରତିମାପୂଜା ସଦୃଶ ଅଟେ । ଅତ୍ୟନ୍ତ ଆସକ୍ତି ମଧ୍ୟରେ ରହିଛି ମାଦକଦ୍ରବ୍ୟ ସେବନ, କାମୋଦ୍ଦୀପଦକ ଚିତ୍ର ଦେଖିବା ବା ଏପରି ବିଷୟକୁ ପଢ଼ିବାର ଅଭ୍ୟାସ, ମଦ୍ୟପାନ, ଅନୈତିକ ଜୀବନ, ଇତ୍ୟାଦି, ପ୍ରତିମାପୂଜା ସଙ୍ଗେ ସଂଶ୍ଳିଷ୍ଟ ଆତ୍ମାସବୁ ସକ୍ରିୟ ହୋଇ ବ୍ୟକ୍ତିଜଣକୁ ବନ୍ଧନରେ ରଖନ୍ତି । ତେଣୁ ଆମ ଗୃହରେ ପ୍ରତିମା ନ ଥିଲେ ସୁଦ୍ଧା, ଆମ ହୃଦୟରେ ଆମେ ବିଭିନ୍ନ ପ୍ରକାର ଲୋଭକୁ ସ୍ଥାନ ଦେଇଛୁ କି ନାହିଁ ଆମେ ଅନୁସନ୍ଧାନ କରି ଦେଖିବା ଆବଶ୍ୟକ ।

## ବଂଶଗତ ଆଶୀର୍ବାଦ

ଅନ୍ୟ ପକ୍ଷରେ, ବାଇବଲ ଆମକୁ ବଂଶଗତ ଆର୍ଶୀବାଦ ବିଷୟରେ ଶିକ୍ଷା ଦିଏ । ଏହାର ଏକ ପ୍ରମୁଖ ଉଦାହରଣ ଆମେ ଅବ୍ରହାମଙ୍କ ଜୀବନରେ ଦେଖୁ । ଈଶ୍ୱର ତାଙ୍କୁ କହିଲେ ଯେ ସେ ଓ ତାଙ୍କର ବଂଶଧର ଏହି ଆଶୀର୍ବାଦ ପାଇବେ ।

**ଆଦିପୁସ୍ତକ ୧୭:୭**
**ଆମ୍ଭେ ତୁମ୍ଭ ସହିତ ଓ ତୁମ୍ଭ ଭବିଷ୍ୟଦ୍‌ବଂଶପରମ୍ପରା ସହିତ ଯେଉଁ ନିୟମ ସ୍ଥିର କଲୁ, ତାହା ଅନନ୍ତକାଳସ୍ଥାୟୀ ହେବ । ତହିଁରେ ଆମ୍ଭେ ତୁମ୍ଭର ଓ ତୁମ୍ଭ ଭବିଷ୍ୟଦ୍ ବଂଶର ପରମେଶ୍ୱର ହେବା ।**

**ଯିଶାଇୟ ୫୯:୨୧**
**ନିଜ ବିଷୟରେ ସଦାପ୍ରଭୁ କହନ୍ତି, ସେମାନଙ୍କ ସହିତ ଆମ୍ଭର ନିୟମ ଏହି, ଆମ୍ଭର ଯେଉଁ ଆତ୍ମା ତୁମ୍ଭ ଉପରେ ଅଧିଷ୍ଠାନ କରନ୍ତି ଓ ଆମ୍ଭର ଯେସକଳ ବାକ୍ୟ ଆମ୍ଭେ ତୁମ୍ଭ ମୁଖରେ ରଖିଅଛୁ, ତାହା ତୁମ୍ଭ ମୁଖରୁ ଓ ତୁମ୍ଭ ବଂଶ ମୁଖରୁ ଓ ତୁମ୍ଭ ବଂଶୋତ୍ପନ୍ନ ବଂଶର ମୁଖରୁ ଆଜିଠାରୁ ଅନନ୍ତକାଳ ପର୍ଯ୍ୟନ୍ତ ଦୂର କରାଯିବ ନାହିଁ, ଏହା ସଦାପ୍ରଭୁ କହନ୍ତି ।**

ସତ୍ୟ ଓ ଜୀବିତ ଈଶ୍ୱରଙ୍କ ସଙ୍ଗେ କରିଥିବା ଚୁକ୍ତି ବଂଶଗତ ଆଶୀର୍ବାଦ ଆଣିପାରିଥିଲା ।

ଆମେ ବଂଶଗତ ଆଶୀର୍ବାଦ ବା ବଂଶଗତ ବନ୍ଧନସବୁର ଆରମ୍ଭକର୍ତ୍ତା ଓ ବିସ୍ତାରକ ହୋଇପାରିବା ।

# ୨

# ଅପରାଧ ଓ ପାପ

## ଅପରାଧ ବନାମ ପାପ

'ଅପରାଧ' ଓ 'ପାପ'ର ଅର୍ଥକୁ ବୁଝିବାଦ୍ୱାରା ଆମେ ବଂଶଗତ ବନ୍ଧନସବୁକୁ ଅଧିକ ଉତ୍ତମରୂପେ ବୁଝିପାରିବା । ଉଭୟ ପଦ ଧର୍ମଶାସ୍ତ୍ରରେ ବ୍ୟବହୃତ ହୋଇଛି ।

**ଯାତ୍ରାପୁସ୍ତକ ୩୪ :୯**

**ପ୍ରଭୋ,ମୁଁ ଯେବେ ତୁମ୍ଭ ଦୃଷ୍ଟିରେ ଅନୁଗ୍ରହ ପାଇଅଛି, ତେବେ ବିନୟ କରୁଅଛି, ପ୍ରଭୁ ଆମ୍ଭମାନଙ୍କ ମଧ୍ୟବର୍ତ୍ତୀ ହୋଇ ଗମନ କରନ୍ତୁ; କାରଣ ଏମାନେ ଶକ୍ତଗ୍ରୀବ ଲୋକ, ଆଉ ଆମ୍ଭମାନଙ୍କ ଅପରାଧ ଓ ପାପ ମୋଚନ କରି ଆପଣା ଅଧିକାରାର୍ଥେ ଆମ୍ଭମାନଙ୍କୁ ଗ୍ରହଣ କରନ୍ତୁ ।**

'ଅପରାଧ' (iniquity) ଶବ୍ଦର ଏବ୍ରୀ ପ୍ରତିଶବ୍ଦ 'avon' ଯାହାର ଅର୍ଥ ବିପଥଗମନ ଏବଂ 'ପାପ' (sin) ଶବ୍ଦର ଏବ୍ରୀ ପ୍ରତିଶବ୍ଦ 'khatawaw' ଯାହାର ଅର୍ଥ ଆଇନ୍‌ର ଉଲ୍ଲଙ୍ଘନ । ସାଧାରଣ ଭାବରେ ଆମେ କହିପାରୁ: 'ଅପରାଧ' ଆମର ସ୍ୱଭାବ ସହିତ ଜଡ଼ିତ, ଆମ ମଧ୍ୟରେ ରହିଥିବା ଏହି ସ୍ୱଭାବ ଯୋଗୁଁ ଆମେ ପାପ କର୍ମ କରିଥାଉ । ଅପର ପକ୍ଷରେ ପାପର ଅର୍ଥ ମନ୍ଦ କର୍ମ କରିବା । ଏହି କାର୍ଯ୍ୟ ଦ୍ୱାରା ଆମେ ଲକ୍ଷ୍ୟଭ୍ରଷ୍ଟ ହେଉ ବା ଈଶ୍ୱରଙ୍କ ଆଜ୍ଞା ଲଂଘନ କରିଥାଉ ।

## ଅପରାଧ ପରବର୍ତ୍ତୀ ପିଢ଼ିସବୁକୁ ସଞ୍ଚରିତ ହୋଇଥାଏ

ଈଶ୍ୱର କହନ୍ତି ଯେ ଅପରାଧ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସଞ୍ଚରିତ ହୋଇଥାଏ । କେହି ଜଣେ ପାପ କରେ, କିନ୍ତୁ ଯେଉଁ ଅପରାଧ ତାକୁ ପାପ କରିବା ପାଇଁ ପ୍ରରୋଚିତ କରିଛି ତାହା ପରବର୍ତ୍ତୀ ପିଢ଼ିସବୁକୁ ସଞ୍ଚରିତ ହୋଇ ପହଞ୍ଚିଥାଏ । ବିଳାପ ୫ ପର୍ବରେ ଆମେ ପଢୁ ଯେ ଯେଉଁ ଅପରାଧ ପିତାମାତାଙ୍କୁ ପାପ କରିବାକୁ ପ୍ରରୋଚିତ କରିଥିଲା ତାହା ସେମାନଙ୍କ ସନ୍ତାନମାନଙ୍କ ନିକଟରେ ପହଞ୍ଚିଛି ।

ବିଳାପ ୫:୭
ଆମ୍ଭମାନଙ୍କର ପିତୃଲୋକମାନେ ପାପ କରିଅଛନ୍ତି, ଆଉ ସେମାନେ ନାହାନ୍ତି; ପୁଣି, ଆମ୍ଭେମାନେ ସେମାନଙ୍କର ଅଧର୍ମ ବହନ କରିଅଛୁ ।

ଯିରିମିୟ ୩୨:୧୭, ୧୮
୧୭ ହେ ପ୍ରଭୁ, ସଦାପ୍ରଭୁ, ତୁମ୍ଭେ ଆପଣା ମହାପରାକ୍ରମ ଓ ବିସ୍ତୀର୍ଣ୍ଣ ବାହୁ ଦ୍ୱାରା ଆକାଶମଣ୍ଡଳ ଓ ପୃଥିବୀ ନିର୍ମାଣ କରିଅଛ; ତୁମ୍ଭର ଅସାଧ କିଛି ହିଁ ନାହିଁ;
୧୮ ତୁମ୍ଭେ ସହସ୍ର ସହସ୍ରର ପ୍ରତି ଦୟା ପ୍ରକାଶ କରୁଅଛ ଓ ପିତୃଗଣର ଅଧର୍ମର ପ୍ରତିଫଳ ସେମାନଙ୍କର ଉତ୍ତାରେ ସେମାନଙ୍କ ସନ୍ତାନଗଣର କ୍ରୋଡ଼ରେ ଦେଉଅଛ; ତୁମ୍ଭେ ମହାନ୍ ପରାକ୍ରାନ୍ତ ପରମେଶ୍ୱର, ସୈନ୍ୟାଧିପତି ସଦାପ୍ରଭୁ ତୁମ୍ଭର ନାମ ।

ଗୀତସଂହିତା ୫୧:୫
ଦେଖ, ଅପରାଧରେ ମୁଁ ନିର୍ମିତ ହେଲି ଓ ପାପରେ ମୋ’ ମାତା ମୋତେ ଗର୍ଭରେ ଧାରଣ କଲା ।

ଏପରି କି ଆମେ ଜନ୍ମ ହେବା ମାତ୍ରେ ଅପରାଧ ଆମ ମଧ୍ୟକୁ ଆସି ଯାଇଥାଏ ।

## ଏହାକୁ ଅନୁମତି ଦେଇ ଈଶ୍ୱର କ’ଣ ଠିକ୍ କରୁଛନ୍ତି ?

ଜଣେ ପୂର୍ବପୁରୁଷ ଯାହା କରିଥିଲା ତା’ର ପରିଣାମ ତା’ର ପରବର୍ତ୍ତୀ ବଂଶଧର ଭୋଗିବା ଅନ୍ୟାୟ ମନେ ହୁଏ । ଏହାକୁ କିପରି ବ୍ୟାଖ୍ୟା କରିବା ?

ପିତାମାତାଙ୍କର ଅପରାଧର ପରିଣାମ ସନ୍ତାନ ସନ୍ତତି ଉପରେ ବର୍ତ୍ତାଇବା ଈଶ୍ୱରଙ୍କର ଏକ ଅନ୍ୟାୟ କାର୍ଯ୍ୟ ମନେହୁଏ । ଆମେ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ପଢୁ ଯେ ଯେଉଁ ପ୍ରାଣୀ ପାପ କରିବ ସେ ହିଁ ମରିବ । ନିମ୍ନ ଶାସ୍ତ୍ରାଂଶସବୁକୁ ଦେଖନ୍ତୁ;

ଦ୍ୱି. ବିବରଣ ୨୪:୧୬
ସନ୍ତାନମାନଙ୍କ ପାଇଁ ପିତୃଗଣର ପ୍ରାଣଦଣ୍ଡ ହେବ ନାହିଁ, କିଅବା ପିତୃଗଣ ପାଇଁ ସନ୍ତାନମାନଙ୍କର ପ୍ରାଣଦଣ୍ଡ ହେବ ନାହିଁ; ପ୍ରତ୍ୟେକ ଲୋକ ନିଜ ପାପ ଲାଗି ପ୍ରାଣଦଣ୍ଡ ଭୋଗ କରିବ ।

ଯିହିଜିକଲ ୧୮:୧-୪, ୨୦
୧ ସଦାପ୍ରଭୁଙ୍କର ବାକ୍ୟ ପୁନର୍ବାର ମୋ’ ନିକଟରେ ଉପସ୍ଥିତ ହେଲା, ଯଥା:
୨ ପିତୃପୁରୁଷମାନେ ଅମ୍ଳ ଦ୍ରାକ୍ଷାଫଳ ଖାଇଲେ, ସନ୍ତାନଗଣର ଦନ୍ତ ଖଟା ହୋଇଅଛି, ଏହି ଯେଉଁ ପ୍ରବାଦ ତୁମ୍ଭେମାନେ ଇସ୍ରାୟେଲ ଦେଶ ବିଷୟରେ କହୁଅଛ, ଏଥିରେ ତୁମ୍ଭମାନଙ୍କର ଅଭିପ୍ରାୟ କି ?
୩ ପ୍ରଭୁ ସଦାପ୍ରଭୁ କହନ୍ତି, ଆମ୍ଭେ ଜୀବତ୍ ଥିବା ପ୍ରମାଣେ ତୁମ୍ଭେମାନେ ଇସ୍ରାଏଲ ମଧ୍ୟରେ ଏହି ପ୍ରବାଦ କହିବାର କାରଣ ଆଉ ପାଇବ ନାହିଁ ।

**୪ ଦେଖ, ଯାବତୀୟ ପ୍ରାଣ ଆମ୍ଭର; ପିତାର ପ୍ରାଣ ଯେପରି, ପୁତ୍ରର ପ୍ରାଣ ହିଁ ସେପରି ଆମ୍ଭର; ଯେଉଁ ପ୍ରାଣୀ ପାପ କରେ, ସେହି ମରିବ ।**
**୨୦ ଯେଉଁ ପ୍ରାଣୀ ପାପ କରେ, ସେହି ମରିବ; ପୁତ୍ର ପିତାର ଅଧର୍ମର ଭାର ବହିବ ନାହିଁ କିଅବା ପିତା ପୁତ୍ରର ଅଧର୍ମର ଭାର ବହିବ ନାହିଁ; ଧାର୍ମିକର ଧାର୍ମିକତା ତାହାରି ଉପରେ ବର୍ତ୍ତିବ ଓ ଦୁଷ୍ଟର ଦୁଷ୍ଟତା ତାହାରି ଉପରେ ବର୍ତ୍ତିବ ।**

ସନ୍ତାନମାନଙ୍କ ହେତୁ ପିତାମାନଙ୍କର ପ୍ରାଣଦଣ୍ଡ ହେବ ନାହିଁ । ସେମାନଙ୍କର ନିଜ ନିଜର ପାପ ଲାଗି ସେମାନେ ପ୍ରାଣଦଣ୍ଡ ପାଇବେ । ଏଠାରେ 'ପାପ' ନିମନ୍ତେ ବ୍ୟବହୃତ ଏବ୍ରୀ ପ୍ରତଶବ୍ଦ (khate) ଅର୍ଥାତ୍ ଦୁଷ୍କର୍ମ ।

ଏଥିରେ ଦ୍ୱନ୍ଦ ସୃଷ୍ଟିହୁଏ । ଅନ୍ତତଃ ୫ଟି ପଦରେ କୁହାଯାଏ ଯେ ଅପରାଧ ପିଢ଼ି ପରେ ପଢ଼ି ସଞ୍ଚରିତ ହୁଏ । ତେଣୁ ଉପରୋକ୍ତ ଦୁଇଟି ଶାସ୍ତ୍ରାଂଶ ପରସ୍ପର ବିରୋଧୀ ଜଣାଯାଏ । ତେଣୁ ଉତ୍ତମରୂପେ ବୁଝିବା ପାଇଁ ଅପରାଧ ଓ ପାପର ମଧ୍ୟରେ ଥିବା ପ୍ରଭେଦ ଜାଣିବା ଆବଶ୍ୟକ ।

## ଈଶ୍ୱର ନ୍ୟାୟବାନ୍

ଈଶ୍ୱର ନ୍ୟାୟବାନ୍ । ତାଙ୍କର ନ୍ୟାୟ ପରାୟଣତାକୁ ନେଇ କୌଣସି ପ୍ରଶ୍ନ ପରଚାଯାଇପାରିବ ନାହିଁ । ନ୍ୟାୟପାଳିକା ବ୍ୟବସ୍ଥାରେ ଯେଉଁ ଦଣ୍ଡବିଧାନ କରାଯାଇଥାଏ ଏବଂ ଭୁଲ କାମର ପ୍ରତିକ୍ରିୟାସ୍ୱରୂପ ଯେଉଁ ପରିଣାମ ଭୋଗ କରିବାକୁ ହୋଇଥାଏ ତା' ମଧ୍ୟରେ ପ୍ରଭେଦ ରହିଛି । ପାପ କରିଥିବା ବ୍ୟକ୍ତି ପାପର ଦଣ୍ଡ ଭୋଗିବ । ତେବେ ସେହି ପାପର ପରିଣାମ ପାପ କରିଥିବା ବ୍ୟକ୍ତି ସମେତ ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ ।

ଧରନ୍ତୁ କୌଣସି ଏକ ପରିବାରର ପିତା ଏକ ବଡ଼ ଫାର୍ମର ଉଚ୍ଚ ପଦସ୍ଥ କର୍ମଚାରୀ ଅଟନ୍ତି । ସେ ଅର୍ଥ ଆତ୍ମସାତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲ୍‌ଦଣ୍ଡ ପାଇଲେ । ଯଦିବା ସେ ନିଜେ ତାଙ୍କ ପାପର ଦଣ୍ଡ ଭୋଗ କରୁଛନ୍ତି ଅର୍ଥାତ ୧୦ ବର୍ଷ ଜେଲଦଣ୍ଡ ଭୋଗ କରୁଛନ୍ତି, ତାଙ୍କର ପୂରା ପରିବାର - ତାଙ୍କର ପତ୍ନୀ, ପିଲାମାନେ, ଏପରିକି ନାତି ନାତୁଣୀମାନେ ତାଙ୍କ ଦୁଷ୍କର୍ମର ଫଳ ଭୋଗିବେ । ସେମାନେ ମାନସିକ ଯନ୍ତ୍ରଣାରେ ଛଟପଟ ହେବେ ଓ ପରିବାରର ଖ୍ୟାତିରେ ଆଞ୍ଚ ଆସିବ । ତେଣୁ ଏହାର ପରିଣାମ ଦଣ୍ଡାଦେଶ ଅପେକ୍ଷା ଅଧିକ ବ୍ୟାପକ ହୋଇଥାଏ ।

ଦ୍ୱି.ବିବରଣ ୨୪ ଓ ଯିହିଜିକଲ ୧୮ ପର୍ବରେ ଈଶ୍ୱର ପାପର ଦଣ୍ଡ ବିଷୟରେ କହନ୍ତି- "ଯେଉଁ ପ୍ରାଣୀ ପାପ କରିବ ସେହି ମରିବ" - କିନ୍ତୁ ଅନ୍ୟ ୫ଟି ଉଲ୍ଲେଖରେ (ଯାତ୍ରାପୁସ୍ତକ

୨୦:୩-୬; ଯାତ୍ରାପୁସ୍ତକ ୩୪:୭; ଗଣନାପୁସ୍ତକ ୧୪:୧୮; ଦ୍ୱି.ବିବରଣ ୫:୯; ଯିରିମିୟ ୩୨:୧୮) ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଅପରାଧ ସଞ୍ଚରିତ ହେବା ବିଷୟରେ କୁହାଯାଏ, ଅର୍ଥାତ୍ ପାପର ପରିଣାମ ଭୋଗିବା ବିଷୟରେ କୁହାଯାଏ। କେତେକ ପାପ ରହିଛି (ଉଦାହରଣ - ପ୍ରତିମା ପୂଜା) ଯହିଁରେ ଜଣେ ପାପର ଦଣ୍ଡ ଭୋଗିବା ସଙ୍ଗେ ସଙ୍ଗେ ଏହାର ଭୟଙ୍କର ପରିଣାମ ମଧ୍ୟ ଭୋଗିବ। ଯେଉଁ ଦ୍ୱାର ପୈଶାଚିକ କାରବାର ପାଇଁ ଖୋଲି ଯାଏ ତାହା ପିଢ଼ି ପରେ ପିଢ଼ିକୁ ସଞ୍ଚରିତ ହୋଇଥାଏ। ପ୍ରତ୍ୟେକ ପିଢ଼ି ଏହାର ପରିଣାମ ଭୋଗ କରିବେ। ତେଣୁ ଈଶ୍ୱର ନ୍ୟାୟବାନ୍ ହୋଇଥିବାରୁ ସେ ଦୁଷ୍ଟ ଲୋକଙ୍କୁ ଦଣ୍ଡ ଦେବେ, କିନ୍ତୁ ସେହିବ୍ୟକ୍ତିର ପାପର ପରିଣାମ ପରବର୍ତ୍ତୀ ବଂଶଧରମାନଙ୍କଠାରେ ମଧ୍ୟ ଦେଖାଯିବ। ଈଶ୍ୱର ଏହାକୁ ବନ୍ଦ କରନ୍ତି ନାହିଁ। କୌଣସି ଅଧିକାରପ୍ରାପ୍ତ ବ୍ୟକ୍ତି ବନ୍ଧନସବୁକୁ ଛିନ୍ନ କରିବାକୁ ଦାବି କଲେ ହିଁ ଈଶ୍ୱର ତାକୁ ମୁକ୍ତ କରନ୍ତି। ମୁକ୍ତ ହେବା ପାଇଁ ଈଶ୍ୱରଙ୍କ ବାକ୍ୟ ଯାହା କରିବାକୁ କହେ ତାହା ଆମେ କରିବାକୁ ହେବ।

ପାପ କରିଥିବା ବ୍ୟକ୍ତି ପାପର ଦଣ୍ଡ ଭୋଗିବ। ତେବେ ସେହି ପାପର ପରିଣାମ ପାପ କରିଥିବା ବ୍ୟକ୍ତି ସମେତ ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ।

# ୩

# ପାରିବାରିକ ବନ୍ଧନସବୁ ସୃଷ୍ଟି ହେବାର କାରଣ କ'ଣ ?

## ଅଭିଶାପର କାରଣ ରହିଛି

**ହିତୋପଦେଶ ୨୬:୨**
**ଯେପରି ଘରଚଟିଆ ଭ୍ରମଣ କରୁଥିବା ବେଳେ ଓ ତାଳଚୋଞ୍ଚ ଉଡୁଥିବା ବେଳେ, ସେପରି ଅକାରଣରେ ଦତ୍ତ ଶାପ ନିକଟକୁ ଆସେ ନାହିଁ ।**

ଅଭିଶାପଗୁଡ଼ିକ ପଛରେ କିଛି ନା କିଛି କାରଣ ରହିଥାଏ । ହଠାତ୍ ତାହା ଘଟି ନ ଥାଏ । ଘରଚଟିଆ ଓ ତାଳଚୋଞ୍ଚ ଲକ୍ଷ୍ୟହୀନ ଭାବରେ ଉଡ଼ି ନ ଥାନ୍ତି । ଏକ "ଆଭ୍ୟନ୍ତରୀଣ କମ୍ପାସ୍" ସେମାନଙ୍କୁ ପଥ କଢ଼ାଇ ନେଇଥାଏ । ସେହିପରି ଅଭିଶାପ ହଠାତ୍ ଉପସ୍ଥିତ ହୋଇ ନ ଥାଏ । ଏହାର ପଛରେ କିଛି କାରଣ ରହିଥାଏ । ତେଣୁ ଅଭିଶାପଗୁଡ଼ିକ କିପରି କାର୍ଯ୍ୟ କରିଥାଏ ଜାଣିଲେ, ତା'ର ପ୍ରତିଷେଧକ ବିଷୟରେ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରାଯାଇ ପାରିବ । ଆସନ୍ତୁ ଆମେ ଦେଖିବା କେଉଁ ବିଷୟଗୁଡ଼ିକ ଆମମାନଙ୍କ ଜୀବନ ମଧ୍ୟକୁ ଆସିବା ପାଇଁ ଅପରାଧର ଦ୍ୱାର ଖୋଲି ଦିଅନ୍ତି, ଯଦ୍ଦ୍ୱାରା ବଂଶଗତ ବନ୍ଧନସବୁ ଆମମାନଙ୍କୁ କବଳିତ କରିଥାଏ ।

### ପ୍ରତିମା/ ମିଥ୍ୟା ଦେବାଦେବୀର ଉପାସନା

ଏହି ବିଷୟକୁ ଆଗରୁ ମଧ୍ୟ ଆମେ ଆଲୋଚନା କରିଛୁ । ମିଥ୍ୟା ଦେବାଦେବୀଙ୍କୁ ପ୍ରଣାମ କରିବା ଓ ସେମାନଙ୍କର ପୂଜା କରିବା ଦ୍ୱାରା ଏହି ଅପରାଧ ଭବିଷ୍ୟତ ବଂଶଧରମାନଙ୍କୁ ମଧ୍ୟ ସଞ୍ଚରିତ ହୋଇଥାଏ (ଯାତ୍ରାପୁସ୍ତକ ୨୦:୫) ।

### ବଳିଦାନ/ ଉପହାର ଉତ୍ସର୍ଗ

ଯଦି କେହି ବଳିଦାନ ବା ଉପହାର ଉତ୍ସର୍ଗ କରେ, ତା'ର ସନ୍ତାନ ବା ପରିବାର ପକ୍ଷରୁ

ତାହା କରେ, ଯାହାର ପୈଶାଚକ ପ୍ରଭାବ ରହିଛି, ତେବେ ସେ ମିଥ୍ୟା ଦେବାଦେବୀ ଉଦ୍ଦେଶ୍ୟରେ ତାହା କରେ । ଏହାଦ୍ୱାରା ପାରିବାରିକ ବନ୍ଧନସବୁ ନିମନ୍ତେ ଦ୍ୱାର ଖୋଲିଯାଏ ।

## ମାନତ

ମାନତ ଏକ ଦୃଢ଼ ପ୍ରତିଜ୍ଞା ଯଦ୍ଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଏକ କାର୍ଯ୍ୟ, ସେବା ବା ସର୍ତ୍ତ ସଙ୍ଗେ ବାନ୍ଧି ରଖେ । ଯେଉଁ ମାନତଗୁଡ଼ିକ ନକାରାତ୍ମକ, ପାପପୂର୍ଣ୍ଣ ଓ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଭୂତମାନଙ୍କ ନିକଟରେ କରାଯାଇଛି, ତାହା ପୈଶାଚକ କାର୍ଯ୍ୟ ଓ ବନ୍ଧନ ନିମନ୍ତେ ଦ୍ୱାର ଖୋଲିଦିଏ । ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ଏକ ପ୍ରତିମା ଆଗରେ ଏକ ମାନତ କରେ ଯେ ତା'ର ପ୍ରାର୍ଥନାର ଉତ୍ତର ମିଳିଲେ ସେ ଅମୁକ ବିଷୟ କରିବ, ତେବେ ଏହି ମାନତ ବଂଶଗତ ବନ୍ଧନ ନିମନ୍ତେ ଦ୍ୱାର ଖୋଲି ଦେବ ।

## ପାପପୂର୍ଣ୍ଣ କର୍ମସକଳ

ଯେଉଁ ପାପ ସ୍ୱୀକାର ନ ହୋଇ ରହିଥାଏ ତାହା ପୈଶାଚିକ କାର୍ଯ୍ୟ ନିମନ୍ତେ ଦ୍ୱାର ଖୋଲିଦେଇଥାଏ । ଏହାର ଏକ ଉତ୍ତମ ଉଦାହରଣ ରାଜା ଦାଉଦଙ୍କ ଜୀବନରେ ଆମେ ଦେଖୁ (୨ଶାମୁଏଲ ୧୨) । ସେ ବତ୍‌ଶେବାଙ୍କୁ ପାଇବା ପାଇଁ ନରହତ୍ୟା ଓ ବ୍ୟଭିଚାର କଲେ । ନାଥନ୍ ଭବିଷ୍ୟଦ୍‌ବକ୍ତା ଦାଉଦଙ୍କୁ ଚେତାବନୀ ଦେଇ କହିଲେ ଯେ ତାଙ୍କର ଏହି ପାପ ହେତୁ ପରିବାରରୁ କେବେ ଖଡ୍‌ଗ ଯିବ ନାହିଁ ।

**୨ଶାମୁଏଲ ୧୨:୯-୧୩**

**୯ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ, ତାହା କରିବା ପାଇଁ ତୁମ୍ଭେ କାହିଁକି ତାହାଙ୍କ ବାକ୍ୟ ତୁଚ୍ଛ କଲ ? ତୁମ୍ଭେ ଖଡ୍‌ଗ ଦ୍ୱାରା ହିତ୍ତୀୟ ଊରିୟକୁ ମାରିଅଛ ଓ ତାହାର ଭାର୍ଯ୍ୟାକୁ ତୁମ୍ଭର ଭାର୍ଯ୍ୟା ହେବା ପାଇଁ ନେଇଅଛ, ପୁଣି ଅମ୍ମୋନ-ସନ୍ତାନଗଣର ଖଡ୍‌ଗ ଦ୍ୱାରା ଊରିୟକୁ ବଧ କରିଅଛ ।**

**୧୦ ଏହେତୁ ତୁମ୍ଭ ଗୃହରୁ ଖଡ୍‌ଗ କେବେ ଯିବ ନାହିଁ, କାରଣ ତୁମ୍ଭେ ଆମ୍ଭକୁ ତୁଚ୍ଛ କରି ତୁମ୍ଭ ଭାର୍ଯ୍ୟା ହେବା ପାଇଁ ହିତ୍ତୀୟ ଊରିୟର ଭାର୍ଯ୍ୟାକୁ ନେଇଅଛ ।**

**୧୧ ସଦାପ୍ରଭୁ ଏହି କଥା କହନ୍ତି, ଦେଖ, ଆମ୍ଭେ ତୁମ୍ଭ ନିଜ ବଂଶରୁ ତୁମ୍ଭ ବିରୁଦ୍ଧରେ ଅମଙ୍ଗଳ ଉତ୍ପନ୍ନ କରିବା ଓ ଆମ୍ଭେ ତୁମ୍ଭ ଭାର୍ଯ୍ୟାମାନଙ୍କୁ ତୁମ୍ଭ ସମ୍ମୁଖରେ ନେଇ ତୁମ୍ଭ ଆତ୍ମୀୟକୁ ଦେବା; ତହିଁରେ ସେ ଏହି ସୂର୍ଯ୍ୟ ସମ୍ମୁଖରେ ତୁମ୍ଭ ଭାର୍ଯ୍ୟାଗଣ ସହିତ ଶୟନ କରିବ ।**

**୧୨ ତୁମ୍ଭେ ଏହା ଗୋପନରେ କଲ, ମାତ୍ର ଆମ୍ଭେ ଏହି କର୍ମ ସମୁଦାୟ ଇସ୍ରାଏଲ ଆଗରେ ଓ ସୂର୍ଯ୍ୟ ସମ୍ମୁଖରେ କରିବା ।**

**୧୩ ସେତେବେଳେ ଦାଉଦ ନାଥନଙ୍କୁ କହିଲେ, ମୁଁ ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଅଛି । ଏଥିରେ ନାଥନ ଦାଉଦଙ୍କୁ କହିଲେ, ସଦାପ୍ରଭୁ ତୁମ୍ଭର ପାପ ମଧ୍ୟ ଦୂର କରିଅଛନ୍ତି; ତୁମ୍ଭେ ମରିବ ନାହିଁ ।**

ଖଡ୍ଗ ବିନାଶ, ହିଂସା ଓ ମୃତ୍ୟୁକୁ ସୂଚାଏ । ଏହି ପାପକର୍ମ ଦ୍ୱାରା ଦାଉଦ ତାଙ୍କ ପରିବାରରେ ବିନାଶ, ହିଂସା ଓ ମୃତ୍ୟୁ ନିମନ୍ତେ ଦ୍ୱାର ଖୋଲିଦେଲେ । ଦାଉଦଙ୍କ ପୁଅ ଅମୋନ ତା'ର ନିଜ ଭଗିନୀ ସଙ୍ଗେ ଶୟନ କରି ନିଷିଦ୍ଧ ଯୌନ ସମ୍ପର୍କରେ ଲିପ୍ତ ହେଲା । ତାଙ୍କର ଅନ୍ୟ ପୁଅ, ଅବଶାଲୋମ ପିତାଙ୍କର ବିଦ୍ରୋହୀ ହୋଇଥିଲା ।

ଏକ ପାପପୂର୍ଣ୍ଣ କାର୍ଯ୍ୟର ପରିଣାମ ଦୀର୍ଘସ୍ଥାୟୀ ହୋଇଥାଏ, ଯାହା ଆମେ କଳ୍ପନା କରିପାରି ନ ଥାଉ । ଉଦାହରଣ ସ୍ୱରୂପ, ଜାଣିଶୁଣି ଗର୍ଭପାତ କରିବା ଦ୍ୱାରା ମଧ୍ୟ ବିନାଶର ଅପରାଧ ପାଇଁ ଦ୍ୱାର ଖୋଲିଦେବ ଓ ଅନେକ ବିଷୟର ବିନାଶ ଘଟିବ । ଯଦି କେହି ଗର୍ଭପାତ କରେ, ମୃତ୍ୟୁର ଆତ୍ମା ପାଇଁ ଦ୍ୱାର ଖୋଲିଯିବ ଏବଂ ଅନେକ କ୍ଷେତ୍ରରେ କ୍ଷୟକ୍ଷତି ଘଟିଚାଲିବ, ଯେପରି ବ୍ୟବସାୟ, ଆର୍ଥିକ ଓ ଅନ୍ୟାନ୍ୟ କ୍ଷେତ୍ରରେ । ପାପକୁ ସ୍ୱୀକାର ନ କଲେ ପୈଶାଚିକ କାର୍ଯ୍ୟ ନିମନ୍ତେ ଦ୍ୱାର ଖୋଲିଯାଏ । ପାପ ନିମନ୍ତେ ଅନୁତପ୍ତ ହୋଇ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ତାକୁ ପରିତ୍ୟାଗ କରିବା ନିହାତି ଜରୁରୀ । ଆମମାନଙ୍କ ଜୀବନ ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ଛକି ବସିଥିବା ପାପକୁ ଦୃଢ଼ ପ୍ରତିରୋଧ କରିବା ଆମର ଦାୟିତ୍ୱ । ଯେ କୌଣସି ପୈଶାଚିକ କାର୍ଯ୍ୟକଳାପ ପ୍ରତି ଆମେ ଦ୍ୱାର ବନ୍ଦ କରି ଦେବା ଉଚିତ ।

**ଆଦିପୁସ୍ତକ ୪ :୭**
**ସତ୍କର୍ମ କଲେ, କି ତୁମ୍ଭେ ଉର୍ଦ୍ଧ୍ୱମୁଖ ହେବ ନାହିଁ ? ସତ୍କର୍ମ ନ କଲେ, ପାପ ଦ୍ୱାରରେ ଛକିଥାଏ; ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃତ୍ୱ କରିବ ।**

ଯେତେବେଳେ କୟିନ ବିଗିଡ଼ିଯାଇ ନିଜ ଭାଇର ହତ୍ୟା କରିବାକୁ ଚାହୁଁଥିଲା, ସେତେବେଳେ ଈଶ୍ୱର ତାକୁ ଉପରୋକ୍ତ କଥା କହିଥିଲେ । ଈଶ୍ୱର ତାକୁ ଚେତାବନୀ ଦେଲେ ଯେ ପାପ ତା' ମଧ୍ୟରେ ପ୍ରବେଶ କରିବାକୁ ଦ୍ୱାରରେ ଛକି ରହିଛି । ଏହାର ପ୍ରତିରୋଧ କରିବା ପାଇଁ ଈଶ୍ୱର ତାକୁ କହିଲେ । କିନ୍ତୁ କୟିନ ନିଜ ଜୀବନରେ ପାପର ପ୍ରବେଶକୁ ଅନୁମତି ଦେଲା ଓ ଜଣେ ନରହତ୍ୟାକାରୀ ହେଲା ।

## ଆଘାତଜନିତ ଘଟଣା/ ଅନୁଭୂତି

ଆବେଗପ୍ରବଣ କ୍ଷତ ହେତୁ ଯେଉଁ ନକାରାତ୍ମକ ପ୍ରତିକ୍ରିୟାମାନ ସୃଷ୍ଟି ହୋଇଥାଏ

ସେଥିଯୋଗୁଁ ଅନେକ ଅଜଣା ଭୟ ଜାତ ହୋଇଥାଏ ଯାହା ଅନେକ ପିଢ଼ି ପର୍ଯ୍ୟନ୍ତ ଜାରି ରହେ । ଉଦାହରଣ ସ୍ୱରୂପ, ଯଦି କେହି ଏକ କାର୍ ଦୁର୍ଘଟଣା ଦେଖିଥାଏ, ସେ ଏତେ ଆବେଗପ୍ରବଣ ହୋଇଥାଏ ଯେ ତା' ଜୀବନରେ ଭୟର ଆତ୍ମା ପ୍ରବେଶ କରି ତା'କୁ ହନ୍ତସନ୍ତ କରିଦେଇଥାଏ । ବ୍ୟକ୍ତିଜଣକ ଯାତ୍ରା କରିବାକୁ ଭୟ କରେ ଓ କାର୍‌ରେ ବସିବାକୁ ସୁଦ୍ଧା ଚାହିଁ ନ ଥାଏ । ଏହି ଭୟ ପରବର୍ତ୍ତୀ ପିଢ଼ିସବୁକୁ ମଧ୍ୟ ସଞ୍ଚରିତ ହୋଇପାରେ ଓ ସେମାନଙ୍କ ଜୀବନରେ ବିଭିନ୍ନ କ୍ଷେତ୍ରରେ ଭୀତି ସଞ୍ଚାର କରିପାରେ । ପ୍ରିୟଜନମାନଙ୍କୁ ହରାଇବା, ଅସଦ୍ ବ୍ୟବହାର, ଦୁଃଖଦ ଘଟଣାମାନ ଏପରି ଆଘାତଜନିତ ଅନୁଭୂତିସବୁ ମଧ୍ୟକୁ ନେଇଯାଏ ଓ ବନ୍ଧନସବୁରେ କବଳିତ କରିଥାଏ ।

**ଅଭିଶାପ/ ମନ୍ତ୍ରଯନ୍ତ୍ର**

ଅଭିଶାପ ଓ ଯାଦୁବିଦ୍ୟା ସହଜରେ ଆମ ଜୀବନରେ ବଂଶଗତ ବନ୍ଧନସବୁର ଦ୍ୱାର ଖୋଲିଦିଏ । ଅନ୍ତତଃ ତିନୋଟି ବାଟରେ ଏହା କାର୍ଯ୍ୟ କରିଥାଏ ।

***ଆତ୍ମ-ନିର୍ଯ୍ୟାତିତ ଅଭିଶାପ***

ଅଜଣା ଭାବରେ, ଆମେ କହିଥିବା କଥା ହିଁ ଆତ୍ମ-ନିର୍ଯ୍ୟାତିତ ଅଭିଶାପରେ ପରିଣତ ହୁଏ, ଅର୍ଥାତ୍ ନିଜ ଦ୍ୱାରା ନିଜପାଇଁ ଏହି ଅଭିଶାପ ଆମେ ବରଣ କରିଥାଉ । ପ୍ରବଳ ଚାପ, କ୍ରୋଧ, ଘୃଣା, ଆଘାତ ଓ ହତାଶାର ବଶବର୍ତ୍ତୀ ହୋଇ ଆମେ କିଛି କହି ଦେଇପାରୁ । ଆମର ନିଜ ଶରୀର, ନିଜର ଚେହେରା, ଆବେଗ, ଇତ୍ୟାଦିକୁ ନେଇ ନକରାତ୍ମକ କଥା କହିବା ଦ୍ୱାରା ଆମେ ଆମ ଉପରକୁ ଅଭିଶାପ ଆଣିଥାଉ । ଏପରି ଆତ୍ମ-ନିର୍ଯ୍ୟାତିତ ଅଭିଶାପସବୁ ଲୋକମାନଙ୍କ ସଙ୍ଗେ ଭାବର ଆଦାନ ପ୍ରଦାନ ଓ ଜୀବନରେ କେତେକ ଅନୁଭୂତି ଲାଭ କରିବାରେ ଆମର ସାମର୍ଥ୍ୟକୁ ହ୍ରାସ କରିଦେଇଥାଏ । ଏହାର କେତେକ ଉଦାହରଣ:

- "ମୁଁ ମୋର ପିତା ବା ମାତାଙ୍କ ପରି ହେବି ନାହିଁ" (ପିଲା ସମୟର କୌଣସି ଦୁଃଖପୂର୍ଣ୍ଣ ଅନୁଭୂତିକୁ ସ୍ମରଣ କରି କେହି ଏହା କହିପାରେ) ।
- "ମୁଁ ସନ୍ତାନ ଚାହେଁ ନାହିଁ" (ଯଦି କେହି ପ୍ରାକ୍-ବିଦ୍ୟାଳୟ ବା ପିଲାମାନଙ୍କ ମଣ୍ଡଳୀରେ କାର୍ଯ୍ୟ କରେ ଓ ପିଲାମାନଙ୍କୁ ସମ୍ଭାଳିବା ଯେ କେତେ କଷ୍ଟକର ତାହା ଅନୁଭବ କରିଥାଏ, ସେ ଏହା କହିପାରେ) ।

- "ମୋର ପିଲାମାନେ ଅତି ଦୁଷ୍ଟ" (ଯଦି ପିତାମାତା କହନ୍ତି ଯେ ସେମାନଙ୍କ ପିଲାମାନେ ଭାରି ଦୁଷ୍ଟ, ସେମାନେ ମଧ୍ୟ ଭୟଙ୍କର ହୋଇପଡ଼ନ୍ତି) ।
- "ମୁଁ ଯୌନକ୍ରିୟାରେ କେବେ ଲିପ୍ତ ହେବି ନାହିଁ" (ଯେଉଁମାନେ ଯୌନ ଓ ଶାରୀରିକ ଉତ୍ପୀଡ଼ନର ସାମ୍ନା କରିଛନ୍ତି) ।
- "ମୁଁ ପୁରୁଷ (ସ୍ତ୍ରୀ) ଲୋକଙ୍କୁ ଘୃଣାକରେ" ।
- "ମୁଁ ଅନ୍ୟ କୌଣସି ପୁରୁଷ (ସ୍ତ୍ରୀ)ର ସଂସର୍ଗକୁ ଅନୁମତି ଦେବି ନାହିଁ" (ଏକ ଭଗ୍ନ ସଂପର୍କ ପରେ) ।

### *ପୂର୍ବପୁରୁଷ ନିଜ ଉପରକୁ ନେଇଥିବା ଅଭିଶାପ*

ଯଦି ପୂର୍ବପୁରୁଷ ସ୍ୱଇଚ୍ଛାରେ ଅଭିଶାପ ନିଜ ଉପରକୁ ନେଇଛନ୍ତି ପରବର୍ତ୍ତୀ ପିଢ଼ିସବୁ ଏହା ଦ୍ୱାରା ପ୍ରଭାବିତ ହେବେ ।

**ମାଥିଉ ୨୭:୨୫**
**ଏଥିରେ ସମସ୍ତ ଲୋକ ଉତ୍ତର ଦେଲେ, ତାହାର ରକ୍ତ ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ସନ୍ତାନମାନଙ୍କ ଉପରେ ବର୍ତ୍ତୁ ।**

### *ବ୍ୟକ୍ତିବିଶେଷ/ ପରିବାରର ସଦସ୍ୟମାନଙ୍କ ଉପରେ କରାଯାଇଥିବା ଯାଦୁ/ ମନ୍ତ୍ରଯନ୍ତ୍ର*

ଯେଉଁମାନେ ରହସ୍ୟମୟ କାରବାରରେ ଉପରଠାଉରିଆ ଭାବରେ ଜଡ଼ିତ ସେମାନେ ଜାଣିଶୁଣି ବିଭିନ୍ନ ବ୍ୟକ୍ତିବିଶେଷ ବା ପରିବାରଗୁଡ଼ିକ ଉପରେ ଯାଦୁ ବା ମନ୍ତ୍ରଯନ୍ତ୍ର ଉଚ୍ଚାରଣ କରି ସେମାନଙ୍କ ଉପରେ ବଂଶଗତ ବନ୍ଧନସବୁ ସୃଷ୍ଟି କରନ୍ତି ।

### ଘୃଣାଜନକ ପାରିବାରିକ ଅଧିକାର (ବସ୍ତୁ)

ପରିବାରର ସମସ୍ତେ ଯଦି କୌଣସି ମୌଳିକ ସମ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବିଷୟ ମନେ କରି ତାକୁ ହାତଛଡ଼ା କରନ୍ତି ନାହିଁ, ତାହା ମଧ୍ୟ ଅଭିଶାପ ଆଣିପାରେ, ଯଦି ଏହା ତାନ୍ତ୍ରିକ ସାଧନାରେ କୌଣସି ମିଥ୍ୟା ଦେବତା ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥାଏ । ସେହି ବସ୍ତୁର ପୃଷ୍ଠଭୂମି ସମ୍ପର୍କରେ ଅଜ୍ଞ ରହି ତଦ୍ଦ୍ୱାରା ଗୃହକୁ ସଜାଇବା ଦ୍ୱାରା ତାହା ବନ୍ଧନ ଆଡ଼କୁ କଢ଼ାଇନିଏ ।

**ଦ୍ୱିତୀୟ ବିବରଣ ୭:୨୫, ୨୬**
**୨୫ ତୁମ୍ଭେମାନେ ସେମାନଙ୍କ ଦେବଗଣର ଖୋଦିତ ପ୍ରତିମାସକଳ ଅଗ୍ନିରେ ଦଗ୍ଧ କରିବ; ତୁମ୍ଭେ ଯେପରି ଫାନ୍ଦରେ ନ ପଡ଼, ଏଥିପାଇଁ ସେସବୁରେ ଥିବା ରୂପା କି ସୁନା ପ୍ରତି ଲୋଭ କରିବ ନାହିଁ, କିଅବା ଆପଣା ନିମନ୍ତେ ତାହା ଗ୍ରହଣ କରିବ ନାହିଁ, କାରଣ ତାହା ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଘୃଣିତ ବସ୍ତୁ ।**
**୨୬ ପୁଣି ତୁମ୍ଭେ ସେହି ଘୃଣିତ ବସ୍ତୁ ଆପଣା ଗୃହକୁ ଆଣିବ ନାହିଁ, ଆଣିଲେ ତାହା ତୁଲ୍ୟ ବର୍ଜିତ ହେବ; ତୁମ୍ଭେ ତାହା ଅତିଶୟ ଘୃଣା କରିବ ଓ ଅତିଶୟ ତୁଚ୍ଛଜ୍ଞାନ କରିବ; ଯେହେତୁ ତାହା ବର୍ଜନୀୟ ବସ୍ତୁ ।**

## ପରିବାର ମୁଖ୍ୟ (ପିତା)ଙ୍କର ନିଷ୍ପତ୍ତିସବୁ

ପରିବାରର ମୁଖ୍ୟ ଭାବରେ ପିତାମାନେ ଯେଉଁସବୁ ନିଷ୍ପତ୍ତି ନିଅନ୍ତି ତାହା ଅତି ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କାରଣ ସେମାନେ ଆତ୍ମିକ ଭାବରେ ମଧ୍ୟ ପରିବାରର ମୁଖ୍ୟ ଅଟନ୍ତି । ଅନେକ ସମୟରେ, ପୂର୍ବପୁରୁଷମାନଙ୍କ ଯୋଗୁଁ ଯେଉଁ ବନ୍ଧନ ଆସିଥାଏ ତାହା ସେମାନଙ୍କର ରହସ୍ୟମୟ ଓ କେତେକ ଧର୍ମୀୟ ସଂଗଠନରେ ସଂପୃକ୍ତି ଯୋଗୁଁ ଆସିଥାଏ । କୌଣସି ଜ୍ୟୋତିଷ ପାଖକୁ ଯାଇ ପରାମର୍ଶ କରିବା କ୍ଷତିକାରକ ନୁହେଁ ମନେ ହୁଏ, କିନ୍ତୁ ତାହା ମଧ୍ୟ ବଂଶଗତ ବନ୍ଧନ ନିମନ୍ତେ ଦ୍ୱାର ଖୋଲିଦିଏ । ଜ୍ୟୋତିଷବିଦ୍ୟା, ହାତ ରେଖା ଦେଖିବା, ଜାତକ, ସମ୍ମୋହନ ବିଦ୍ୟା, ପାରସ୍ପରିକ ସାହାଯ୍ୟ (freemasonry), ତେଉଁରିଆ ପିନ୍ଧିବା, ରତ୍ନପଥର ପିନ୍ଧିବା, ମନ୍ତ୍ରକବଚ ପିନ୍ଧିବା, ଇତ୍ୟାଦିରେ ପରିବାରର ମୁଖ୍ୟ ଅଂଶଗ୍ରହଣ କରିବା ଦ୍ୱାରା ପିଲାମାନଙ୍କ ଜୀବନରେ ଓ ପରବର୍ତ୍ତୀ ପିଢ଼ିସବୁରେ ପୈଶାଚିକ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲିଯାଏ ।

| |
|---|
| ଅଭିଶାପଗୁଡ଼ିକ ପଛରେ କିଛି ନା କିଛି କାରଣ ରହିଥାଏ । ହଠାତ୍ ତାହା ଘଟି ନ ଥାଏ । ତେଣୁ, ଅଭିଶାପଗୁଡ଼ିକ କିପରି କାର୍ଯ୍ୟ କରିଥାଏ ଜାଣିଲେ, ତା'ର ପ୍ରତିଷେଧକ ବିଷୟରେ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରାଯାଇ ପାରିବ । |

# ୪

# ବ୍ୟକ୍ତିଗତ ଓ ପାରିବାରିକ ବନ୍ଧନସବୁକୁ ଚିହ୍ନିବା

**ଯୋହନ ୧୦:୧୦**
**ଚୋର କେବଳ ଚୋରି, ବଧ ଓ ବିନାଶ କରିବା ନିମନ୍ତେ ଆସେ; ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁରଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି ।**

ଈଶ୍ୱର ଚାହାନ୍ତି ଯେପରି ଆମେ ପ୍ରଚୁର ଜୀବନ ପାଇବା- ସର୍ବାଧିକ ଜୀବନ ପାଇବା । ଶୟତାନ ଚୋରି, ବଧ ଓ ବିନାଶ କରିବାକୁ ଆସିଥାଏ ।

ଆମେ ଆଲୋଚନା କରିଛୁ କିପରି ବନ୍ଧନସବୁ ପରିବାରରେ ପ୍ରବେଶ କରେ । ବର୍ତ୍ତମାନ ଆମେ ଆମର ନିଜ ଜୀବନକୁ ଓ ଆମ ପରିବାରକୁ ଦେଖିବାକୁ ହେବ ବଂଶଗତ ବନ୍ଧନସବୁ ରହିଛି କି ନାହିଁ । ଆମେ ଆମ ଜୀବନର ଏକ ଆତ୍ମିକ ତାଲିକା ପ୍ରସ୍ତୁତ କରିବା ଏବଂ ଯଦି କୌଣସି ବ୍ୟକ୍ତିଗତ ଓ ବଂଶଗତ ବନ୍ଧନ ରହିଛି ତାକୁ ଛିନ୍ନ କରିବାକୁ ଉଦ୍ୟମ କରିବା ।

## କାରଣ ଓ ପ୍ରଭାବ ସର୍ବଦା ପ୍ରତ୍ୟକ୍ଷରୂପେ ସମ୍ବନ୍ଧିତ ନ ଥାଇପାରେ

ଆମେ ବୁଝିବା ଆବଶ୍ୟକ ଯେ କାରଣ ଓ ପ୍ରଭାବ ସର୍ବଦା ସମ୍ବନ୍ଧିତ ନ ଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି କୌଣସି ଏକ କାର୍ଯ୍ୟରେ ହୁଏତ ରହିପାରୁ ନାହିଁ । ସେ ପ୍ରତ୍ୟେକ ଛ' ମାସରେ ଥରେ ଅନ୍ୟ ଏକ ନୂତନ ଦାୟିତ୍ୱ ନେଉଛି । ଏପରି ପରିସ୍ଥିତିରେ ଏହାର ପ୍ରକୃତ କାରଣ ସମ୍ପର୍କରେ ସେ ସମୀକ୍ଷା କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଆମେ ଆବିଷ୍କାର କରିବା ଯେ ସେ କାର୍ଯ୍ୟସ୍ଥଳରେ ଲୋକଙ୍କ ସହିତ ଶତ୍ରୁଭାବାପନ୍ନ ହୋଇ କଳହ କରୁଛି ଓ କାର୍ଯ୍ୟ ଛାଡ଼ି ପଳାଉଛି । ସହକର୍ମୀମାନଙ୍କ ସଙ୍ଗେ କଳହ କରିବା ହେଉଛି କାରଣ, କିନ୍ତୁ ପ୍ରଭାବ ହେଉଛି ଗୋଟିଏ ସ୍ଥାନରେ କାର୍ଯ୍ୟ କରି ନ ପାରିବା । ତା' ମଧ୍ୟରେ ଯେଉଁ ହିଂସାର ଆତ୍ମା କାର୍ଯ୍ୟ କରୁଛି, ସେହି କାରଣରୁ ସେ ସହକର୍ମୀମାନଙ୍କର ବିରୋଧୀ ହେଉଛି ଓ କଳହ କରୁଛି ।

ଅନ୍ୟ ଏକ ଉଦହରଣ ଦେଖିବା: କୌଣସି ଏକ ପରିବାରରେ ଅନିୟନ୍ତ୍ରିତ କ୍ରୋଧରୂପ ବଂଶଗତ ବନ୍ଧନ ଦେଖାଯାଏ । ଏହି ପରିବାରର ଜଣେ ବ୍ୟକ୍ତି ବିବାହ କଲା ପରେ ତା'ଠାରେ ଏପରି ଆଚରଣ ଦେଖିବାକୁ ମିଳିଲା, ଫଳତଃ ସେମାନଙ୍କ ବିବାହରେ ଫାଟ ଦେଖାଦେଲା ଓ ବିବାହ ବିଚ୍ଛେଦ ଘଟିଲା । ଏଥିର କାରଣ ଅପ୍ରାକୃତିକ କ୍ରୋଧରୂପକ ବଂଶଗତ ବନ୍ଧନ ଏବଂ ପ୍ରଭାବ ବିବାହ ବିଚ୍ଛେଦ ।

ଆମେମାନେ ସମୟ ଦେଇ ନିଜ ନିଜ ଜୀବନକୁ ଅନୁସନ୍ଧାନ କରି ଦେଖିବା ଆମଠାରେ କେଉଁ ବ୍ୟକ୍ତିଗତ ବା ପାରିବାରିକ ବନ୍ଧନସବୁ ରହିଛି । ଆମେ ନିଜ ଜୀବନସବୁକୁ ଓ ଆମ ପରିବାରସବୁରେ ବଂଶଗତ ବନ୍ଧନସବୁ ରହିଛି କି ନାହିଁ ଆତ୍ମ-ପରୀକ୍ଷା କରି ଦେଖିବା ଉଚିତ । ଆମ ପରିବାରର ରକ୍ତ ସମ୍ପର୍କୀୟ ଜ୍ଞାତିମାନଙ୍କ ବିଷୟରେ ଚିନ୍ତା କରିବା, ସେମାନଙ୍କ ସାଧାରଣ ଆଚରଣ ଦେଖିବା, କୌଣସି ଅପ୍ରୀତିକର ଆଚରଣ ଓ ଆବର୍ତ୍ତୀ ସମସ୍ୟା ରହିଛି କି ନାହିଁ ଦେଖିବା । ହୁଏତ ଜେଜେବାପାଙ୍କ ପିଢ଼ିରେ କାହାର ଅକାଳ ବିୟୋଗ ହୋଇଥିଲା । ସେ ସମୟରେ କେହି ଜଣେ ଅଙ୍କଲ୍ ଯୁବକ ସମୟରେ ମରିଯାଇଥିଲେ, ତେଣୁ ଆମ ପିଢ଼ିରେ ମଧ୍ୟ କାହାରି ସେପରି ମୃତ୍ୟୁ ଘଟିପାରେ ବୋଲି ଆମେ ଭୟ କରୁଛୁ । ଯଦି ଏହା ଏକ ବଂଶଗତ ବନ୍ଧନ ବୋଲି ଆମେ ଚିହ୍ନଟ କରୁ, ତେବେ ଏହାକୁ ବନ୍ଦ କରିବା ଆବଶ୍ୟକ । ଏହା କରିବା ଦ୍ୱାରା ଆମେ ନିଶ୍ଚିତ ହେବା ଯେ ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହୁଏ । ଯଦି ଆମ ଜୀବନରେ କିଛି ଦୋଷାବହ ବିଷୟ ରହିଛି ବୋଲି ଆମେ ଅନୁଭବ କରୁ ଯାହା ଏକ ବନ୍ଧନ ପାଇଁ ଦ୍ୱାର ଖୋଲିଦେବ, ତେବେ ଆମେ ଅନୁତପ୍ତ ହେବା, ତାହା ପରିତ୍ୟାଗ କରିବା ଓ ମୁକ୍ତ ଭାବରେ ଚାଲିବା ।

## ଆମେ ମୁକ୍ତ ହୋଇପାରିବା !

ଶୁଭ ସମାଚାର ହେଉଛି ଆମେ ଯଦି ସତ୍ୟ ଜାଣିବା, ସତ୍ୟ ଆମକୁ ମୁକ୍ତ କରିବ । ଯୀଶୁଖ୍ରୀଷ୍ଟ ଆମକୁ ମୁକ୍ତ କରିବେ ।

**ଯୋହନ ୮ :୩୨ , ୩୬**
**୩୨ ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।**
**୩୬ ଅତଏବ, ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହା ହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ ।**

୫

# ଏଥିରୁ କିପରି ମୁକ୍ତି ପାଇବା ?

## ମୁକ୍ତ ହେବାର ଅଧିକାର କ୍ରୁଶରେ ସାଧିତ କାର୍ଯ୍ୟଯୋଗୁଁ ଆମେ ପାଇଛୁ

୧ଯୋହନ ୩:୮

**ଯେ ପାପ କରେ, ସେ ଶୟତାନରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରିଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ ।**

କ୍ରୁଶରେ ଆମେ ଆମର ମୁକ୍ତି ପାଇଛୁ । ଯୀଶୁ ଆସିଥିଲେ ଶୟତାନର ପ୍ରତ୍ୟେକ କାର୍ଯ୍ୟ ବିନାଶ କରିବା ପାଇଁ । ତା'ର ଏହି କାର୍ଯ୍ୟ ଯେପରି ଭାବରେ ଆମ ଜୀବନରେ ପ୍ରବେଶ କରିଥିଲେ ସୁଦ୍ଧା ତାହାର ବିନାଶ ହୋଇପାରିବ । ଯୀଶୁ କାହିଁକି ଜଗତକୁ ଆସିଥିଲେ ? ଆମକୁ ଏକ ନୂତନ ଧର୍ମ ବା ନୂତନ ଦର୍ଶନତତ୍ତ୍ୱ ଦେବାକୁ ସେ ଆସି ନ ଥିଲେ ଯାହା କି ଆମେ ଅନୁସରଣ କରିବା । ସେ ଆସିଥିଲେ ତାଙ୍କ ଲୋକମାନଙ୍କ ଜୀବନରୁ ଶୟତାନର ପ୍ରତ୍ୟେକ କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ । ଆମମାନଙ୍କ ଜୀବନରେ ଶୟତାନର କାର୍ଯ୍ୟସବୁକୁ ସହ୍ୟ କରିବାର କୌଣସି ଆବଶ୍ୟକତା ନାହିଁ ।

ଆଜି ଜଗତର ଅନେକ ଲୋକ ଆମମାନଙ୍କୁ ନୂତନ ଦର୍ଶନତତ୍ତ୍ୱ, ଧାରଣା ଏବଂ ଧର୍ମ ଦେଇଥାନ୍ତି । ତେବେ କେହିହେଲେ ଠିଆ ହୋଇ କହିପାରିବେ ନାହିଁ, "ମୁଁ ଶୟତାନର କାର୍ଯ୍ୟସବୁ ବିନାଶ କରିପାରିବି ।" କେବଳ ଯୀଶୁ ହିଁ ତାହା କରିପାରନ୍ତି ।

ଏବ୍ରୀ ୨:୧୪

**ଅତଏବ, ସନ୍ତାନମାନେ ରକ୍ତମାଂସର ସହଭାଗୀ ହୋଇଥିବାରୁ ସେ ମଧ୍ୟ ନିଜେ ସେହିପରି ସେଥିର ସହଭାଗୀ ହେଲେ, ଯେପରି ମୃତ୍ୟୁ ଦ୍ୱାରା ମୃତ୍ୟୁର ଅଧିକାରୀକୁ ଅର୍ଥାତ୍ ଶୟତାନକୁ ବିନାଶ କରନ୍ତି ।**

ଯୀଶୁ ଆପଣା ମୃତ୍ୟୁ ଦ୍ୱାରା ମୃତ୍ୟୁର ଅଧିକାରୀକୁ ଅର୍ଥାତ୍ ଶୟତାନକୁ ଶକ୍ତିରହିତ କଲେ । କ୍ରୁଶ ପରାଜିତ ହେବାର ସ୍ଥାନ ନ ଥିଲା, ମାତ୍ର ଇତିହାସର ସର୍ବଶ୍ରେଷ୍ଠ ବିଜୟ ଏଠାରେ ହାସଲ ହୋଇଥିଲା । କ୍ରୁଶରେ ଯୀଶୁ ଶୟତାନକୁ ପରାଜିତ କରିଦେଇଥିଲେ । ସେ ଆପଣା

ନିମନ୍ତେ ଏହା ହାସଲ କରି ନ ଥିଲେ, କାରଣ ସେ ଶୟତାନଠାରୁ ମହାନ୍ ଥିଲେ ଓ ସର୍ବଦା ମହାନ୍ ରହିବେ । ସେ ଆମମାନଙ୍କ ନିମନ୍ତେ ଏହା ସମ୍ପାଦନ କରିଥିଲେ- ଆମର ପ୍ରତିନିଧି ଭାବରେ ଓ ଆମ ପକ୍ଷରୁ ସେ ଏହା କରିଥିଲେ ।

**କଲସୀୟ ୨:୧୪,୧୫**

**୧୪ ପୁଣି, ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇଅଛନ୍ତି;**
**୧୫ ସମସ୍ତ ଆଧିପତ୍ୟ ଓ କର୍ତ୍ତାପଣର ଅସ୍ତ୍ରଶସ୍ତ୍ର ଛଡ଼ାଇ ପ୍ରକାଶରେ ସେମାନଙ୍କ ପ୍ରଦର୍ଶନପୂର୍ବକ କ୍ରୁଶରେ ବିଜୟ ଯାତ୍ରା କରିଅଛନ୍ତି ।**

ଆଧିପତ୍ୟ ଓ କର୍ତ୍ତାପଣ କହିଲେ ଶୟତାନ ଓ ଦୁଷ୍ଟାତ୍ମାମାନଙ୍କୁ ବୁଝାଏ । କ୍ରୁଶରେ ଯୀଶୁ ସେମାନଙ୍କୁ ନିରସ୍ତ୍ର କରି ସେମାନଙ୍କୁ ଶକ୍ତିହୀନ କରି ଦେଇ, ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିଥିଲେ ।

**ଏଫିସୀୟ ୬:୧୨**

**କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ।**

ଯୀଶୁ ଶୟତାନ ଓ ପୈଶାଚିକ ଶକ୍ତିକୁ ନିରସ୍ତ କରି ସେମାନଙ୍କୁ ଶକ୍ତିହୀନ କରିଦେଲେ ଓ କ୍ରୁଶରେ ତାଙ୍କର ବିଜୟକୁ ପ୍ରକାଶ୍ୟରେ ପ୍ରଦର୍ଶନ କଲେ । ସେହି ଯୀଶୁ ଆମ ଜୀବନରେ ପ୍ରବେଶ କରି- ଆଜି ଆମକୁ ଯେକୌଣସି ଓ ପ୍ରତ୍ୟେକ ଶୟତାନର ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ କରିପାରନ୍ତି ।

ଏହା ଆପଣ ଓ ମୋ' ନିମନ୍ତେ କ'ଣ ମହତ୍ତ୍ୱ ରଖେ ?

**କଲସୀୟ ୧:୧୩,୧୪**

**୧୩ ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି,**
**୧୪ ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ ।**

ଏଣୁ, ସେ ଆମ୍ଭମାନଙ୍କୁ ଅନ୍ଧକାରର (ଭୂତମାନଙ୍କ) କର୍ତ୍ତୃତ୍ୱ ବା ଅଧିକାରରୁ ମୁକ୍ତ କରିଛନ୍ତି । ଆମେମାନେ ଯେଉଁ ମୁହୂର୍ତ୍ତରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରୁ, ସେହି ମୁହୂର୍ତ୍ତରୁ ଆମମାନଙ୍କ ଜୀବନ ଉପରେ ଶୟତାନର କୌଣସି ବୈଧାନିକ ଦାବି ଆଉ

ରହେ ନାହିଁ କାରଣ ଆମେମାନେ ଉଦ୍ଧାର ପାଇଛୁ ଓ ମୁକ୍ତ କରାଯାଇଛୁ । ଆମେମାନେ ଅନ୍ୟ ଏକ ରାଜ୍ୟକୁ ନିଆଯାଇଛୁ ଓ ଆମେ ଯୀଶୁଖ୍ରୀଷ୍ଟଙ୍କ ରାଜ୍ୟର ପ୍ରଜା ହୋଇଛୁ । ଆମେ ଆଉ ଶୟତାନର ରାଜ୍ୟର ପ୍ରଜା ନୋହୁଁ । ତେଣୁ ଅନ୍ଧକାରର ଶକ୍ତିର ଆମମାନଙ୍କ ଜୀବନ ଉପରେ ଆଉ କୌଣସି ଅଧିକାର ନ ଥାଏ ଏବଂ ଆମ ଆତ୍ମା, ପ୍ରାଣ ଓ ଶରୀର ଉପରେ ତା'ର ଦାବି ଆଉ ରହେ ନାହିଁ । ତେବେ ଆମେ ଯଦି ତାକୁ ଆମ ଜୀବନରେ ସ୍ଥାନ ଦେଉ ତେବେ ତାକୁ ଅଧିକାର ମିଳିଯାଏ । ତେଣୁ ଧର୍ମଶାସ୍ତ୍ରରେ ଚେତାବନୀ ଦିଆଯାଏ: "ଶୟତାନକୁ ସ୍ଥାନ ଦିଅ ନାହିଁ" (ଏଫିସୀୟ ୪:୨୭) । ତେଣୁ, ଦ୍ୱାର ବନ୍ଦ କରି ରଖନ୍ତୁ । ଶୟତାନକୁ ଆପଣଙ୍କ ଜୀବନରେ ପ୍ରବେଶ କରିବାକୁ ଅନୁମତି ଦିଅନ୍ତୁ ନାହିଁ ।

## ରକ୍ତର ଶକ୍ତି

**୧ପିତର ୧:୧୮,୧୯**

**୧୮ ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ**
**୧୯ ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ ।**

ପିତରଙ୍କ ପତ୍ର ଏସିଆ ମାଇନର୍‌ରେ ରୋମୀୟ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ଛିନ୍ନଭିନ୍ନ ହୋଇ ରହିଥିବା ଯିହୁଦୀ ଓ ଅଣଯିହୁଦୀ ଖ୍ରୀଷ୍ଟୟାନମାନଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିଲା । ସେମାନେ ଏହି ମଣ୍ଡଳୀମାନଙ୍କରେ ମିଳିତ ହୋଇ ଉପାସନା କରୁଥିଲେ । ପିତର ଉଭୟ ଯିହୁଦୀ ଓ ଅଣଯିହୁଦୀ ଖ୍ରୀଷ୍ଟିୟାନମାନଙ୍କୁ କହନ୍ତି ଯେ ଆମେମାନେ ଆମମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ନିରର୍ଥକ ଆଚାରବ୍ୟବହାରରୁ ମୁକ୍ତ ହୋଇଅଛୁ । ଏଠାରେ ପିତର ଯେଉଁ ମୁକ୍ତିର କଥା କହନ୍ତି ତାହା ମୂର୍ତ୍ତିପୂଜକମାନଙ୍କର ଧର୍ମସବୁର, କୁସଂସ୍କାର ସବୁର ଓ ଫାରୁଶୀମାନଙ୍କ ରୀତିନୀତି ପାଳନର ଶୂନ୍ୟତାରୁ ମୁକ୍ତି ପାଇବାକୁ ବୁଝାଏ ।

ଯୀଶୁଙ୍କ ରକ୍ତ ଆମ ନିମନ୍ତେ ଅନେକ ବିଷୟ ସାଧନ କରିଛି । ଏହା ଆମମାନଙ୍କର ପାପକୁ ଧୌତ କରି ପରିଷ୍କୃତ କରିଛି ଓ ଶୟତାନର ଶକ୍ତିରୁ ଆମମାନଙ୍କୁ ମୁକ୍ତ କରିଛି । ଖ୍ରୀଷ୍ଟଙ୍କ ରକ୍ତ ମଧ୍ୟ ଆମମାନଙ୍କୁ ଆମମାନଙ୍କ ପିତୃପୁରୁଷଙ୍କଠାରୁ ପ୍ରାପ୍ତ ନିରର୍ଥକ ଆଚାର ବ୍ୟବହାରରୁ ଆମକୁ ମୁକ୍ତ କରିଛି । ଆମମାନଙ୍କ ବଂଶ ପରମ୍ପରା ବା ଆମ ପିତୃପୁରୁଷମାନଙ୍କ ଜୀବନଶୈଳୀ ହେତୁ ବିଭିନ୍ନ ପ୍ରକାରର ପୂଜା ଉପାସନା ହେତୁ ଆମମାନଙ୍କ ଜୀବନରେ

ଯେଉଁ ପୈଶାଚକ ପ୍ରଭାବର ଦ୍ୱାର ଖୋଲିଯାଇଛି, ସେଥିରୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମକୁ ମୁକ୍ତ କରିଥାଏ । ଖ୍ରୀଷ୍ଟଙ୍କ ପାତିତ ରକ୍ତ ଯେ କୌଣସି ଓ ପ୍ରତ୍ୟେକ ପ୍ରକାର ପୈଶାଚିକ ବନ୍ଧନରୁ, ପାପପୂର୍ଣ୍ଣ ଜୀବନ ଶୈଳୀ, ଅଧାର୍ମିକ ଆଚରଣ, ମାନତ, ଉପହାର ଉତ୍ସର୍ଗ ଓ ଆମ ପିତୃପୁରୁଷମାନଙ୍କର ଅଭିଶାପରୁ ଆମକୁ ମୁକ୍ତ ହେବାର ଅଧିକାର ଦେଇଥାଏ ।

## କାରାଗାରର ଦ୍ୱାରସବୁ ଖୋଲାଅଛି- ଆପଣ ମୁକ୍ତ ହୋଇ ବାହାରିଯିବାକୁ ହେବ

କାରାଗାରର ଦ୍ୱାର ସବୁ ଖୋଲାଅଛି, କିନ୍ତୁ ଆମେ ମୁକ୍ତ ହୋଇ ବାହାରକୁ ଯିବାକୁ ହେବ । ଆମମାନଙ୍କୁ ମୁକ୍ତ କରିବା ନିମନ୍ତେ ଯାହାସବୁ କରିବାର ଥିଲା ଯୀଶୁ ତାହା କରିସାରିଛନ୍ତି । ତାଙ୍କର ରକ୍ତ ପାତିତ ହୋଇଛି । ସେ ଶୟତାନର କାର୍ଯ୍ୟସବୁକୁ ବିନାଶ କରିଛନ୍ତି ଓ ଶୟତାନ ଉପରେ ବିଜୟ ହାସଲ କରିଛନ୍ତି । କିନ୍ତୁ ଆମେ ଦ୍ୱାର ଦେଇ ବାହାରି ଯିବାକୁ ହେବ ଓ ଆମର ମୁକ୍ତିକୁ ଗ୍ରହଣ କରିବାକୁ ହେବ । ଯୀଶୁ କହନ୍ତି,

**ଯୋହନ ୮ :୩୨ , ୩୬**

**୩୨ ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।**

**୩୬ ଅତଏବ, ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହାହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ ।**

ଅଜ୍ଞାନତା ଆମକୁ ବନ୍ଧନ ମଧ୍ୟରେ ରଖେ । କିନ୍ତୁ ସତ୍ୟ ଜ୍ଞାତ ହେବା ଦ୍ୱାରା ଆମେ ମୁକ୍ତ ହୋଇ ବାହାରିଯିବାର ସୁଯୋଗ ପାଇଥାଉ ।

## ଆପଣ ଆଶୀର୍ବାଦପ୍ରାପ୍ତ

**ଏଫିସୀୟ ୧ :୩**

**ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।**

ସ୍ୱର୍ଗରୁ ଆଗତ ପ୍ରତ୍ୟେକ ଆଶୀର୍ବାଦ ଦ୍ୱାରା ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରିଅଛନ୍ତି । ପ୍ରତ୍ୟେକ ଆତ୍ମିକ ଆଶୀର୍ବାଦ ଯାହା ସ୍ୱର୍ଗରୁ ଆଗତ ତାହା ଆପଣଙ୍କର, କାରଣ ଈଶ୍ୱର ଚାହାନ୍ତି ଯେ ଆପଣ ଆଶୀର୍ବାଦପ୍ରାପ୍ତ ହୁଅନ୍ତୁ । ଈଶ୍ୱର ଆପଣଙ୍କ ସପକ୍ଷ, ବିପକ୍ଷ ନୁହଁନ୍ତି ।

## ସବୁ ଦ୍ୱାରକୁ ସ୍ଥାୟୀରୂପେ ବନ୍ଦ କରି ରଖନ୍ତୁ

**ମାଥିଉ ୧୨ :୪୩-୪୫**

**୪୩ ଅଶୁଚି ଆତ୍ମା ଜଣେ ମନୁଷ୍ୟଠାରୁ ବାହାରିଗଲା ଉତ୍ତାରେ ଜଳଶୂନ୍ୟ ସ୍ଥାନସବୁ ଭ୍ରମଣ କରି ବିଶ୍ରାମ ଖୋଜେ ଓ ତାହା ପାଏ ନାହିଁ ।**

**୪୪ ସେଥିରେ ସେ କହେ, ମୁଁ ଯେଉଁ ଘରୁ ବାହାରି ଆସିଥିଲି, ମୋର ସେହି ଘରକୁ ବାହୁଡ଼ିଯିବି; ପୁଣି, ସେ ଆସି ତାହା ଶୂନ୍ୟ, ମାର୍ଜିତ ଓ ସୁଶୋଭିତ ଦେଖେ ।**

**୪୫ ସେତେବେଳେ ସେ ଯାଇ ଆପଣାଠାରୁ ଅଧିକ ଦୁଷ୍ଟ ଆଉ ସାତୋଟା ଆତ୍ମା ସାଙ୍ଗରେ ଘେନି ଆସେ, ପୁଣି ସେମାନେ ପ୍ରବେଶ କରି ସେଠାରେ ବାସ କରନ୍ତି, ଆଉ ସେହି ଲୋକର ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ । ଏହି ଦୁଷ୍ଟ ପୁରୁଷ ପ୍ରତି ମଧ୍ୟ ସେହି ପ୍ରକାର ଘଟିବ ।**

ଯୀଶୁ ଏଠାରେ ଆମକୁ ଏକ ଅନ୍ତର୍ଦୃଷ୍ଟି ଦେଇଛନ୍ତି କିପରି ଶତ୍ରୁ କାର୍ଯ୍ୟ କରିଥାଏ । ଯେତେବେଳେ ଭୂତମାନଙ୍କୁ ସେମାନଙ୍କ ଦଖଲରେ ରହିଥିବା ସ୍ଥାନରୁ ତଡ଼ି ଦିଆଯାଏ, ସେମାନେ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟମ କରିଥାନ୍ତି । ତେଣୁ, ଦ୍ୱାର ବନ୍ଦ କରି ରଖିବା କେତେ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ, ଅଶ୍ଳୀଳ ଚିତ୍ର ପ୍ରତି ଆପଣ ଯଦି ଦ୍ୱାର ଖୋଲି ଦେଇଛନ୍ତି ଓ ପରେ ଅନୁତାପ କରି ସେହି ବନ୍ଧନକୁ ଛିନ୍ନ କରିବାକୁ ସ୍ଥିର କରନ୍ତି, କିନ୍ତୁ ଆପଣ ଦ୍ୱାର ବନ୍ଦ କରିବା ପରିବର୍ତ୍ତେ ସାମାନ୍ୟ ଅଶ୍ଳୀଳ ଚିତ୍ର ଦେଖିବାକୁ ଆଗ୍ରହ ପ୍ରକାଶ କରନ୍ତି, ତେବେ ଆପଣଙ୍କ ଅବସ୍ଥା ପୂର୍ବାପେକ୍ଷା ଅଧିକ ଭୟଙ୍କର ହେବ । କାରଣ ଶତ୍ରୁ ପ୍ରତ୍ୟାବର୍ତ୍ତନ କଲେ ଅଧିକ ଶକ୍ତିର ସହିତ ସେ ଆସିବ । ଯେତେବେଳେ ଆପଣ ବନ୍ଧନସବୁକୁ ଛିନ୍ନ କରନ୍ତି, ଶତ୍ରୁ ଅଧିକ ଶକ୍ତିଶାଳୀ ହୋଇ ଆପଣା ଖାଲି କରାଇଥିବା ସ୍ଥାନଗୁଡ଼ିକରେ ଆକ୍ରମଣ କରିବ । ପରିଷ୍କାର କରିବାର ପ୍ରଭାବ କ୍ଷଣସ୍ଥାୟୀ ହୋଇଥାଏ, କାରଣ ଭୂତମାନଙ୍କୁ ପୁନଃପ୍ରବେଶ କରିବାକୁ ଅଧିକାର ଦିଆଯାଏ ଯେତେବେଳେ ଜଣେ ଅନୁତପ୍ତ ନ ହୋଇ ପାପ କରିଚାଲେ । ଯେଉଁ ଦ୍ୱାର ସବୁଦେଇ ଭୂତଗୁଡ଼ିକ ପୁନଃପ୍ରବେଶ କରିଥାନ୍ତି ସେଗୁଡ଼ିକୁ ଆମେ ସ୍ଥାୟୀରୂପେ ବନ୍ଦ କରି ରଖିବାକୁ ହେବ ।

## ଆମମାନଙ୍କ ପାପସବୁ ଓ ଆମର ପିତୃପୁରୁଷମାନଙ୍କର ପାପସବୁ ନିମନ୍ତେ ଆମେ ଅନୁତପ୍ତ ହେବା ଓ ସେସବୁକୁ ପରିତ୍ୟାଗ କରିବା

**ଲେବୀୟପୁସ୍ତକ ୨୬ :୩୯-୪୨**

**୩୯ ପୁରି ତୁମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ଅବଶିଷ୍ଟ ରହିବେ, ସେମାନେ ଆପଣା ଆପଣା ଅପରାଧ ସକାଶୁ ତୁମ୍ଭମାନଙ୍କ ଶତ୍ରୁଗଣର ଦେଶରେ କ୍ଷୟ ପାଇବେ ଓ ମଧ୍ୟ ସେମାନେ ଆପଣା ଆପଣା ପିତୃଗଣର ଅପରାଧ ହେତୁରୁ ସେମାନଙ୍କ ସଙ୍ଗରେ କ୍ଷୟ ପାଇବେ ।**

୪୦ ଆଉ ଆମ୍ଭ ବିରୁଦ୍ଧରେ ସତ୍ୟ-ଲଙ୍ଘନ କରି ସେମାନେ ଓ ସେମାନଙ୍କ ପିତୃଗଣ ଯେଉଁ ସତ୍ୟ-ଲଙ୍ଘନ ଅପରାଧ କଲେ, ଆପଣାମାନଙ୍କର ସେହି ଅପରାଧ
୪୧ ଓ ମଧ୍ୟ ସେମାନେ ଆମ୍ଭର ପ୍ରତିକୂଳାଚରଣ କରିବା ହେତୁରୁ ଆମ୍ଭେ ହିଁ ଯେ ସେମାନଙ୍କର ପ୍ରତିକୂଳାଚରଣ କରି ସେମାନଙ୍କୁ ସେମାନଙ୍କ ଶତ୍ରୁଗଣର ଦେଶକୁ ଆଣିଲୁ, ଏହା ସେମାନେ ସ୍ୱୀକାର କରିବେ; ତହିଁରେ ଯେବେ ସେମାନଙ୍କ ଅସୁନ୍ନତ ହୃଦୟ ନମ୍ର ହେବ ଓ ସେମାନେ ଆପଣା ଆପଣା ଅପରାଧର ଦଣ୍ଡ ଗ୍ରହଣ କରିବେ;
୪୨ ତେବେ ଆମ୍ଭେ ଯାକୁବ ସହିତ ଆପଣା ନିୟମ ସ୍ମରଣ କରିବା ଓ ମଧ୍ୟ ଇସହାକ ସହିତ ଆପଣା ନିୟମ ଓ ମଧ୍ୟ ଅବ୍ରହାମ ସହିତ ଆପଣା ନିୟମ ସ୍ମରଣ କରିବା; ପୁଣି ଆମ୍ଭେ ଦେଶକୁ ସ୍ମରଣ କରିବା ।

ଏଠାରେ, ଇଶ୍ୱର ତାହାଙ୍କ ଲୋକମାନଙ୍କୁ କହନ୍ତି ଯେ ବର୍ତ୍ତମାନ ସମୟର ପିଢ଼ି ପୂର୍ବ ପିଢ଼ିର ପାପସବୁ ହେତୁ ଅନୁତପ୍ତ ହେବା ଆବଶ୍ୟକ । ଧର୍ମଶାସ୍ତ୍ରରେ ଏହାର ଅନେକ ଉଦାହରଣ ରହିଛି ।

**ଯିରିମିୟ ୧୪:୨୦**
**ହେ ସଦାପ୍ରଭୁ, ଆମ୍ଭେମାନେ ଆପଣାମାନଙ୍କ ଦୁଷ୍ଟତା ଓ ଆମ୍ଭମାନଙ୍କ ପିତୃଲୋକମାନଙ୍କର ଅଧର୍ମ ସ୍ୱୀକାର କରୁଅଛୁ; କାରଣ ଆମ୍ଭେମାନେ ତୁମ୍ଭ ବିରୁଦ୍ଧରେ ପାପ କରିଅଛୁ ।**

ଏଜ୍ରା, ନିହିମିୟା ଓ ଦାନିୟେଲ୍ ସେମାନଙ୍କ ପିତୃପୁରୁଷମାନଙ୍କର ପାପସବୁ ହେତୁ ଅନୁତପ୍ତ ହୋଇଥିଲେ । ତେଣୁ ଆମେ ଆମର ପିତାମାନଙ୍କର ଓ ପୂର୍ବପୁରୁଷଙ୍କର ପାପସବୁ ହେତୁ ଅନୁତପ୍ତ ହୋଇ ପ୍ରାର୍ଥନା କରିବା ଶାସ୍ତ୍ରସମ୍ମତ ବିଷୟ ଅଟେ ।

## ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଅଧିକାରର ଢ଼ାଞ୍ଚା

ପ୍ରାକୃତିକ ଜଗତରେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଅଧିକାରର ଢ଼ାଞ୍ଚା ରହିଛି ଓ ତାହା ମଧ୍ୟ ଦେଇ ଈଶ୍ୱର କାର୍ଯ୍ୟ କରନ୍ତି । ଶୟତାନ ମଧ୍ୟ ଏହାକୁ ସମ୍ମାନ ଦିଏ ।

### ସ୍ୱାମୀ/ପିତାଙ୍କର ଅଧିକାର

**୧କରିନ୍ଥୀୟ ୧୧:୩**
**କିନ୍ତୁ ଖ୍ରୀଷ୍ଟ ଯେ ପ୍ରତ୍ୟେକ ପୁରୁଷର ମସ୍ତକସ୍ୱରୂପ ଏବଂ ପୁରୁଷ ଯେ ସ୍ତ୍ରୀର ମସ୍ତରସ୍ୱରୂପ ଓ ଈଶ୍ୱର ଯେ ଖ୍ରୀଷ୍ଟଙ୍କର ମସ୍ତକସ୍ୱରୂପ, ଏହା ତୁମ୍ଭେମାନେ ଜାଣ ବୋଲି ମୋହର ଇଚ୍ଛା ।**

ସ୍ତ୍ରୀର ମସ୍ତକ ସ୍ୱାମୀ ଅଟେ । ସ୍ୱାମୀ/ପିତା ତାଙ୍କ ପରିବାରର ଆତ୍ମିକ ଦ୍ୱାରପାଳ ବା ପ୍ରହରୀ । ଆତ୍ମିକ ଅଧିକାର ଈଶ୍ୱରଙ୍କ ଦ୍ୱାରା ପ୍ରବର୍ତ୍ତିତ ଅଧିକାର ଢ଼ାଞ୍ଚା ମଧ୍ୟ ଦେଇ ପ୍ରବାହିତ ହୋଇଥାଏ । ପରିବାରରେ ଶତ୍ରୁର ପ୍ରଭାବକୁ ଅନୁମତି ଦେବା ବା ନ ଦେବା ସ୍ୱାମୀ

ଉପରେ ନିର୍ଭର କରେ । ସ୍ତ୍ରୀ ଓ ପରିବାରକୁ ସୁରକ୍ଷା ଦେବାର ଅଧିକାର ଓ ଦାୟିତ୍ୱ ସ୍ୱାମୀ ଉପରେ ନ୍ୟସ୍ତ । ସ୍ୱାମୀମାନେ ସେହି ଅଧିକାରକୁ ଜାହିର୍ କରି, ସ୍ତ୍ରୀ ଓ ପିଲାମାନଙ୍କ ଉପରେ ଯେଉଁ ମନ୍ଦଶକ୍ତି ପ୍ରଭାବିତ କରିବାକୁ ଚାହାନ୍ତି ସେସବୁ ପ୍ରତି ଦ୍ୱାର ବନ୍ଦ କରିବା ଓ ସେମାନଙ୍କ ଅନୁମତି ନ ଦେବା ଉଚିତ ।

## ବିଶ୍ୱାସକାରୀ ସ୍ୱାମୀ/ ସ୍ତ୍ରୀ/ ପିତାମାତାଙ୍କର ଅଧିକାର

**୧କରିନ୍ଥୀୟ ୭:୧୪**
**କାରଣ ଅବିଶ୍ୱାସୀ ସ୍ୱାମୀ ଭାର୍ଯ୍ୟା ହେତୁ ଶୁଚି କରାଯାଇଅଛି, ଆଉ ଅବିଶ୍ୱାସିନୀ ଭାର୍ଯ୍ୟା ସ୍ୱାମୀ ହେତୁ ଶୁଚି କରାଯାଇଅଛି; ତାହା ନ ହେଲେ ତୁମ୍ଭମାନଙ୍କ ସନ୍ତାନମାନେ ଅଶୁଚି ହୁଅନ୍ତେ, କିନ୍ତୁ ଏବେ ସେମାନେ ଶୁଚି ।**

ଏଣୁ, ସ୍ୱାମୀ ବା ସ୍ତ୍ରୀ ମଧ୍ୟରୁ ଜଣେ ଯଦି ଅବିଶ୍ୱାସୀ, ବିଶ୍ୱାସକାରୀ ଜୀବନସାଥୀ ପରିବର୍ତ୍ତିତ ହୋଇ ନ ଥିବା ଜୀବନସାଥୀ ଉପରେ ଆତ୍ମିକ ବିଷୟସବୁରେ ପ୍ରଭାବ ପକାଇ ପାରିବ । ଆପଣ ଯଦି ଜଣେ ବିଶ୍ୱାସକାରୀ, ଆପଣ ଭିନ୍ନତା ଆଣିପାରିବେ, କାରଣ ଆପଣଙ୍କ ବିଶ୍ୱାସ ଆପଣଙ୍କ ଅବିଶ୍ୱାସୀ ଜୀବନସାଥୀଙ୍କୁ ପ୍ରଭାବିତ କରିବ । ଏପରିକି ଆପଣଙ୍କ ମିଳନରୁ ଜାତ ପିଲାମାନଙ୍କ ଉପରେ ମଧ୍ୟ ବିଶ୍ୱାସକାରୀ ଜୀବନସାଥୀଙ୍କ ଆତ୍ମିକ ପ୍ରଭାବ ପଡ଼ିବ ।

## ବର୍ତ୍ତମାନ ପିଢ଼ିର ଅଧିକାର

ଯେହେତୁ ଆମେ ଏବେ ଆମ ପରିବାରସବୁର ପ୍ରତିନିଧି ଅଟୁ, ଲେବୀୟପୁସ୍ତକ ୨୬:୩୯-୪୨ ଅନୁଯାୟୀ ଆମେ ଆଗରୁ କରିଥିବା ଆମର ସମସ୍ତ ମାନତ, ଉପହାର ଉତ୍ସର୍ଗ ଓ ଚୁକ୍ତି ଉପରେ ଆମର ଅଧିକାର ରହିଛି ।

- କ୍ରୁଶରେ ଆମେ ଆମର ମୁକ୍ତି ପାଇଛୁ ।
- ଯୀଶୁ ଆସିଥିଲେ ଯେପରି କି ସେ ତାଙ୍କ ଲୋକମାନଙ୍କ ଜୀବନରେ ଶୟତାନର ପ୍ରତ୍ୟେକ କାର୍ଯ୍ୟ ବିନାଶ କରିବେ ।
- ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମକୁ ମୁକ୍ତ କରିଥାଏ ।
- କାରାଗାରର ଦ୍ୱାରସବୁ ଖୋଲାଅଛି, କିନ୍ତୁ ଆମେ ମୁକ୍ତ ଲୋକଭାବରେ ବାହାରିଯିବା ଆବଶ୍ୟକ ।
- ସ୍ୱର୍ଗରୁ ଆଗତ ପ୍ରତ୍ୟେକ ଆଶୀର୍ବାଦ ଦ୍ୱାରା ଈଶ୍ୱର ଆମମାନଙ୍କୁ ଆଶୀର୍ବାଦ କରିଅଛନ୍ତି ।
- ଆମ ଜୀବନ ମଧ୍ୟକୁ ଭୂତମାନେ ପ୍ରବେଶ କରିବାର ସମସ୍ତ ଦ୍ୱାରକୁ ଆମେ ସ୍ଥାୟୀରୂପେ ବନ୍ଦ କରିବାକୁ ହେବ ।
- ଆମ ପିତାମାତାଙ୍କର ଓ ପିତୃପୁରୁଷମାନଙ୍କର ପାପସବୁ ନିମନ୍ତେ ଅନୁତପ୍ତ ହେବା ଓ ସେଥିପାଇଁ ପ୍ରାର୍ଥନା କରିବା ଶାସ୍ତ୍ରସମ୍ମତ ।
- ପ୍ରାକୃତିକ ଜଗତରେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଅଧିକାରର ଢାଞ୍ଚା ରହିଛି ଓ ତାହା ମଧ୍ୟ ଦେଇ ଈଶ୍ୱର କାର୍ଯ୍ୟ କରନ୍ତି ଏବଂ ଶୟତାନ ମଧ୍ୟ ଏହାକୁ ସମ୍ମାନ ଦିଏ ।

## କେତେକ ସାଧାରଣ ପ୍ରଶ୍ନର ଉତ୍ତର

**ପ୍ରଶ୍ନ ୧ : ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତାରୂପେ ଗ୍ରହଣ କରିବା ସମୟରେ ମୁଁ ସ୍ୱୀକାର କରେ ଯେ ତାହାଙ୍କ ରକ୍ତ ମୋର ସମସ୍ତ ପାପରୁ ମୋତେ ପରିଷ୍କାର କରେ । ତେବେ ମୁଁ ମୋର ପିତୃପୁରୁଷମାନଙ୍କର ଅପରାଧ କାହିଁକି ବହନ କରେ ? ଯୀଶୁଙ୍କ ରକ୍ତ କ'ଣ ଅପରାଧକୁ ପରିଷ୍କାର କରି ନ ଥାଏ ? ପ୍ରଭୁ ମୋତେ ଯେତେବେଳେ ମୁକ୍ତ କଲେ ତାଙ୍କର ମୁକ୍ତିରେ କ'ଣ ସମସ୍ତ ବନ୍ଧନରୁ ମୁକ୍ତି ଅନ୍ତର୍ଭୁକ୍ତ ନୁହେଁ ? ତେବେ ମୁଁ ସ୍ୱତନ୍ତ୍ରରୂପେ ବଂଶଗତ ବନ୍ଧନସବୁ ନିମନ୍ତେ କାହିଁକି କାରବାର କରିବି ?**

ଯୀଶୁ ଖ୍ରୀଷ୍ଟଙ୍କୁ ଆମେ ଯେତେବେଳେ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତାରୂପେ ଗ୍ରହଣ କରୁ, ଆମେ ପ୍ରକୃତରେ ଆମ ଆତ୍ମାରେ ପୁନର୍ଜନ୍ମ ପାଇଥାଉ ଓ ନୂତନ ସୃଷ୍ଟି ହୋଇଥାଉ । ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମର ପାପସବୁକୁ ଧୋଇ ପରିଷ୍କାର କରିଥାଏ । ତେବେ ସମସ୍ୟା ଏଥିରେ ରହିଛି– ଆମର ପିତୃପୁରୁଷଗଣ ଯେଉଁ ଅପରାଧ କରିଥିଲେ ତାହା ଆମ ପ୍ରାଣରେ ପୈଶାଚିକ ବନ୍ଧନ ନିମନ୍ତେ ଦ୍ୱାର ଖୋଲି ଦେଇଥାଏ ଯାହା ଆମର ମନ, ଇଚ୍ଛା ଓ ଆବେଗ, ଶରୀର ଓ ଜୀବନର ଅନୁଭୂତିସବୁକୁ ପ୍ରଭାବିତ କରେ । ଈଶ୍ୱର ଯୀଶୁଙ୍କ ରକ୍ତ ଦ୍ୱାରା ଆମକୁ ଧୋଇ ପରିଷ୍କୃତ କରିଥିଲେ ସୁଦ୍ଧା ସେ ଆମର ପ୍ରାଣ, ଶରୀର ଓ ପରିସ୍ଥିତିସବୁକୁ ପରିବର୍ତ୍ତନ କରି ନ ଥାନ୍ତି ।

ଉଦାହରଣ ସ୍ୱରୂପ, ଆପଣଙ୍କର ବାଳସବୁ ଯଦି ପାଚିବାରେ ଲାଗିଛି ତେବେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପରେ ମଧ୍ୟ ତାହା ସେହି ପରି ପାଚିବାରେ ଲାଗିବ । ଆପଣ ପୁନର୍ଜନ୍ମ ପାଇବା ସମୟରେ ଯଦି ଆପଣଙ୍କ ଉଚ୍ଚତା ଛ' ଫୁଟ ଥିଲା, ଆପଣ ଯୀଶୁଙ୍କୁ ଜୀବନରେ ଗ୍ରହଣ କରିଥିଲେ ସୁଦ୍ଧା ଆପଣଙ୍କ ଉଚ୍ଚତା ସେତିକି ରହିବ । ସେହିପରି ଆପଣ ଗୋଟିଏ ମୁହୂର୍ତ୍ତରେ ଆତ୍ମାରେ ନୂତନ ସୃଷ୍ଟି ହୁଅନ୍ତି, କିନ୍ତୁ ପ୍ରାଣ, ଶରୀର ଓ ଜୀବନର ପରିସ୍ଥିତି ସବୁରେ ଅନେକ ବନ୍ଧନ ରହିଥିବ, ହଠାତ୍ ପରିବର୍ତ୍ତନ ହେବ ନାହିଁ ।

ଅନେକ ବିଶ୍ୱାସୀ ପାପରୁ ଧୌତ ହୋଇ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହୁଅନ୍ତି, ତଥାପି ସେମାନେ ପାପପୂର୍ଣ୍ଣ ଅଭ୍ୟାସସବୁରେ, ଆବେଗପ୍ରବଣ ସମସ୍ୟାଗୁଡ଼ିକରେ ସଂଘର୍ଷ କରିଥାଆନ୍ତି । ତେଣୁ ବଂଶଗତ ବନ୍ଧନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାରବାର କରିବାକୁ ହେବ ।

**ପ୍ରଶ୍ନ ୨: ଯାତ୍ରାପୁସ୍ତକ ୨୦:୫,୬ ଅନୁସାରେ ଯେଉଁମାନେ ଈଶ୍ୱରଙ୍କୁ ଘୃଣା କରନ୍ତି ସେ ସେମାନଙ୍କ ଅପରାଧର ପ୍ରତିଫଳଦାତା ଏବଂ ଯେଉଁମାନେ ତାଙ୍କୁ ପ୍ରେମ କରନ୍ତି ସେ ସେମାନଙ୍କ ପ୍ରତି ଦୟା ପ୍ରକାଶ କରନ୍ତି । ମୁଁ ଈଶ୍ୱରଙ୍କୁ ଘୃଣା କରୁ ନାହିଁ । ମୁଁ ତାଙ୍କୁ ପ୍ରେମ କରେ । ତେଣୁ ମୁଁ କାହିଁକି ପାରିବାରିକ ବନ୍ଧନସବୁକୁ ଛିନ୍ନ କରିବା ବିଷୟରେ ଚିନ୍ତିତ ହେବି ?**

ଏହି ପ୍ରଶ୍ନର ଉତ୍ତର ପ୍ରଥମ ପ୍ରଶ୍ନର ଉତ୍ତର ସଙ୍ଗେ ସମାନ । ଆମେ ସର୍ବାନ୍ତଃକରଣରେ ଈଶ୍ୱରଙ୍କୁ ପ୍ରେମ କରୁ, ତଥାପି ଆମ ପ୍ରାଣ ଓ ଶରୀରରେ ବନ୍ଧନର କ୍ଷେତ୍ରସବୁ ରହିଥିବ ଓ ଆମ ଜୀବନର ପରିସ୍ଥିତି ସବୁରେ ଶୟତାନ କାର୍ଯ୍ୟ କରି ଚାଲିଥିବ ଏବଂ ଈଶ୍ୱର ଏସବୁର ପ୍ରତିକାର କରିବା ପାଇଁ ଆମକୁ କହୁଛନ୍ତି । ଈଶ୍ୱର କହନ୍ତି ନାହିଁ, "ମୁଁ ତୋ ପକ୍ଷରୁ ଶୟତାନର ପ୍ରତିବାଧା କରିବି । ସେ କହନ୍ତି, 'ତୁ ତା'ର ପ୍ରତିବାଧା କର୍' ।"

**ପ୍ରଶ୍ନ ୩: ବଂଶଗତ ବନ୍ଧନ ରହିଥିବା ସତ୍ତ୍ୱେ ମୁଁ କ'ଣ ବଂଶଗତ ଆଶୀର୍ବାଦର ଆରମ୍ଭକାରୀ ହୋଇପାରିବି କି ?**

ଆପଣ ଖ୍ରୀଷ୍ଟଙ୍କ ନିକଟକୁ ଆସିଲେ ଆପଣ ସ୍ୱତଃ ଅବ୍ରହାମଙ୍କ ଆଶୀର୍ବାଦ ଓ ଖ୍ରୀଷ୍ଟଙ୍କଠାରେ ଆପଣ ଯାହା ଅଟନ୍ତି ସେଥିର ଆଶୀର୍ବାଦକୁ ଆପଣ ପ୍ରସାରିତ କରିଥାନ୍ତି । ତେଣୁ, ଆପଣ ଆପଣଙ୍କ ବଂଶଧରମାନଙ୍କୁ ବଂଶଗତ ଆଶୀର୍ବାଦ, ଆରମ୍ଭ ଓ ପ୍ରସାରଣ କରିପାରିବେ, ଯଦିବା ଆପଣଙ୍କଠାରେ ତଥାପି ବଂଶଗତ ବନ୍ଧନ ରହିଛି ଯାହାର ପ୍ରତିକାର କରିବା ଆବଶ୍ୟକ । ତେବେ ଆପଣ କେତେଦୂର ଏହି ପ୍ରଭାବ ପରବର୍ତ୍ତୀ ପିଢ଼ିଗୁଡ଼ିକ ଉପରେ ପକାଇପାରିବେ ତାହା ଈଶ୍ୱରଙ୍କଠାରେ ଆପଣ କେତେଦୂର ବାଧ୍ୟ ଅଟନ୍ତି, ଆପଣ କିପରି ଭାବରେ ଜୀବନଯାପନ କରନ୍ତି ତା' ଉପରେ ନିର୍ଭର କରେ । ଆପଣ ଯଦି ଅଳସୁଆ ହୋଇ ଚିନ୍ତା କରନ୍ତି, "ମୁଁ ଯେହେତୁ ପରିତ୍ରାଣପ୍ରାପ୍ତ, ମୁଁ ସ୍ୱର୍ଗକୁ ଯିବା ସୁନିଶ୍ଚିତ" ଏବଂ ଜୀବନରେ ଭାସମାନ ଅବସ୍ଥାରେ ରହନ୍ତି, ତେବେ ପରବର୍ତ୍ତୀ ପିଢ଼ିଗୁଡ଼ିକ ଉପରେ ଆପଣଙ୍କ ଆତ୍ମିକ ପ୍ରଭାବ ସୀମିତ ରହିବ । ଯଦି ଈଶ୍ୱରଙ୍କ ନିକଟକୁ ପ୍ରାଣପଣ କରି ଦୌଡ଼ୁଛନ୍ତି ଓ ଈଶ୍ୱରଙ୍କ ବିଷୟଗୁଡ଼ିକ ପ୍ରତି, ତାହାଙ୍କ ଆତ୍ମାଙ୍କ ପ୍ରତି, ଓ ତାହାଙ୍କ ବାକ୍ୟ ପ୍ରତି ମନୋନିବେଶ କରନ୍ତି ତେବେ ଆପଣ ପରବର୍ତ୍ତୀ ପିଢ଼ିଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇପାରିବେ ।

**ପ୍ରଶ୍ନ ୪: ମୁଁ କ'ଣ ମୋର ପୂରା ପରିବାର ପକ୍ଷରୁ ଫାଟସ୍ଥାନରେ ଠିଆ ହୋଇ ତାଙ୍କଠାରୁ କ୍ଷମା ମାଗିବି ବା ପରିବାରର ପ୍ରତ୍ୟେକ ସଦସ୍ୟ ବ୍ୟକ୍ତିଗତ ଭାବରେ ଏହା କରିବାକୁ ହେବ ?**

ଈଶ୍ୱର ଅଧିକାରର ଯେଉଁ ଢ଼ାଞ୍ଚା ସ୍ଥାପନ କରିଛନ୍ତି ତା' ମଧ୍ୟ ଦେଇ ସେ କାର୍ଯ୍ୟ କରିଥାନ୍ତି । ଏହି ଅଧିକାରର ଢ଼ାଞ୍ଚା ଅନୁସାରେ ଆପଣଙ୍କଠାରୁ ଆଗରୁ ଜନ୍ମ ନେଇଥିବା ପରିବାରର ସଦସ୍ୟମାନଙ୍କ ଉପରେ ଆପଣଙ୍କର କିଛିଟା ପ୍ରଭାବ ରହିଛି, କିନ୍ତୁ ଆପଣଙ୍କ ପରେ ଜାତ ହୋଇଥିବା ସଦସ୍ୟମାନଙ୍କ ନିମନ୍ତେ ଆପଣ ନେଉଥିବା ଆତ୍ମିକ ନିଷ୍ପତ୍ତିସବୁର ସର୍ବାଧିକ ପ୍ରଭାବ ରହିଥାଏ, କାରଣ ସେମାନେ ଆପଣଙ୍କ ପ୍ରଭାବର ପରିସର ମଧ୍ୟରେ ରହିଥାନ୍ତି । କିନ୍ତୁ ଆପଣଙ୍କ ପରିବାରର ଯେଉଁ ସଦସ୍ୟମାନେ ଆପଣଙ୍କ ଅପେକ୍ଷା ଅଧିକ ବୟସର ବା ପ୍ରାୟ ସମାନ ବୟସର, ସେମାନେ ସେମାନଙ୍କର ନିଷ୍ପତ୍ତିସବୁ ନେବେ, କିନ୍ତୁ ଆପଣ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରି ସେମାନଙ୍କୁ ପ୍ରଭାବିତ କରିବା ଉଚିତ । ଆମେ ଯେହେତୁ ଆମ ପରିବାରର ବଂଶଧାରାର ବର୍ତ୍ତମାନର ପ୍ରତିନିଧି ଅଟୁ ସମସ୍ତ ମାନତ, ଉପହାର ଉତ୍ସର୍ଗ, ଚୁକ୍ତି ଯାହା ଆଗରୁ କରାଯାଇଛି ବା ସେଥିରେ ଯଦି କିଛି ପରିବର୍ତ୍ତନ ଆମେ କରୁଛୁ ଆମ ପରବର୍ତ୍ତୀ ସଦସ୍ୟମାନଙ୍କୁ ତାହା ପ୍ରଭାବିତ କରିଥାଏ ।

**ପ୍ରଶ୍ନ ୫: ବଂଶଗତ ବନ୍ଧନଆଡ଼କୁ କଢ଼ାଇ ନେଇଥିବା ଅପରାଧର କାରଣ/ ଆରମ୍ଭକୁ ଜାଣିବା/ ଖୋଜିବା ଆବଶ୍ୟକ କି ?**

ଯାହା ଦେଖାଯାଇଛି, ମାନତ ଓ ଅଭିଶାପକୁ ସାଧାରଣ ଭାବରେ ତ୍ୟାଗ କରିବା ଦ୍ୱାରା ମଧ୍ୟ ପୈତୃକ ମାନତ, ଉପହାର ଉତ୍ସର୍ଗ, ଇତ୍ୟାଦି ଦ୍ୱାରା ଯେଉଁ ପାରିବାରିକ ବନ୍ଧନ ଆସିଥିଲା ଓ ଶୟତାନ ପ୍ରବେଶ କରିଥିଲା ତାହାର ଅନ୍ତ ହୋଇଥାଏ । କିନ୍ତୁ କେତେକ କ୍ଷେତ୍ରରେ ବନ୍ଧନ ରହିଥାଏ, ଯାହା ଅଧିକ ଗଭୀର ଓ ଦୃଢ଼ ଅଟେ । ଏଥିନିମନ୍ତେ ଆମେ ତହିଁର ମୂଳ ନିକଟକୁ ଯାଇ କେଉଁ ପରିସ୍ଥିତିରେ ତାହା ଆସିଥିଲା ଆମର କେଉଁ ପୂର୍ବଜ ଶତ୍ରୁକୁ ପରିବାରର ବୃକ୍ଷ ମଧ୍ୟକୁ ପ୍ରବେଶ କରିବାର ଅଧିକାର ଦେଇଥିଲେ ତାହା ଆବିଷ୍କାର କରିବା ଆବଶ୍ୟକ, ଯଦ୍ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ବିଷୟକୁ ଓଲଟପାଲଟ କରାଯାଇପାରିବ । ବେଳେବେଳେ, ପବିତ୍ର ଆତ୍ମା ଆମ ନିକଟରେ ଉତ୍ତର ପ୍ରକାଶ କରନ୍ତି ବା ଆମର ପାରିବାରିକ ଇତିହାସ ସମ୍ପର୍କରେ ଜାଣିଥିବା ଲୋକଙ୍କଠାରୁ ମଧ୍ୟ ଆମେ ଏହି ତଥ୍ୟ ପାଇପାରିବା ।

## ପ୍ରଶ୍ନ ୬: ବିଶ୍ୱାସୀ ଉପରେ ଅଭିଶାପସବୁର ପ୍ରଭାବ ପଡ଼େ କି ?

ସାଧାରଣ ଭାବରେ କହିଲେ ଏହାର ଉତ୍ତର "ନା" । "ନିତାନ୍ତ ଯାକୁବ ପାଇଁ କୌଣସି ଗଣକତା ନାହିଁ, କିଅବା ଇସ୍ରାଏଲ ପାଇଁ କୌଣସି ମନ୍ତ୍ର ନାହିଁ" (ଗଣନାପୁସ୍ତକ ୨୩:୨୩) । ତେବେ ଶୟତାନକୁ ଆମେ ଯେତିକି ଅନୁମତି ଦେଉ ସେତିକି ପରିମାଣରେ ସେ ପ୍ରବେଶ କରିଥାଏ । ଉଦାହରଣ ସ୍ୱରୂପ ଜଣେ ବିଶ୍ୱାସୀ ଯଦି ଗୁପ୍ତଜ୍ଞାନରେ ସାମୟିକ ଆଗ୍ରହ ଦେଖାଏ, ଭୟରେ ଚାଲେ ବା ଶୟତାନକୁ ଜୀବନ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଏ, ତେବେ ତା' ଜୀବନରେ ପୈଶାଚିକ କାର୍ଯ୍ୟକଳାପ ଦେଖାଦେବ । ତେଣୁ ବିଶ୍ୱାସୀମାନେ ଈଶ୍ୱରଙ୍କ ପ୍ରତି ବାଧ୍ୟ ହୋଇ ଚାଲିବା ନିହାତି ଆବଶ୍ୟକ ।

## ପ୍ରଶ୍ନ ୭: ଈଶ୍ୱର କାହିଁକି ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ଅଟନ୍ତି ?

ବାଇବଲରେ ବାରମ୍ବାର ଈଶ୍ୱର କହିଛନ୍ତି ଯେ ସେ ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟନ୍ତି । ଦେବାଦେବୀ ବା ମିଥ୍ୟା ଦେବତାମାନଙ୍କୁ ଉପାସନା କରିବା ପରିପ୍ରେକ୍ଷୀରେ ସେ ଏହା କହିଛନ୍ତି । ଆମେ ମିଥ୍ୟା ଦେବାଦେବୀଙ୍କୁ ପୂଜା କଲେ ସେ ସ୍ୱଗୌରବରକ୍ଷଣେ ଉଦ୍‌ଯୋଗୀ ହୋଇଥାନ୍ତି, କାରଣ:

- ଏହା ଆମର ପ୍ରାଥମିକ ଉଦ୍ଦେଶ୍ୟର ବ୍ୟତିକ୍ରମ ଅଟେ, କାରଣ ଆମେ ଜୀବିତ ଈଶ୍ୱରଙ୍କର ପୂଜାସେବା ହିଁ କରିବାକୁ ହେବ । ଆମକୁ ସେ ସୃଷ୍ଟି କରିଛନ୍ତି କେବଳ ତାହାଙ୍କର ଉପାସନା କରିବାକୁ, ଅନ୍ୟ କାହାର ନୁହେଁ । "ଯେହେତୁ ତୁମ୍ଭେ ଅନ୍ୟ କୌଣସି ଦେବତାକୁ ପ୍ରଣାମ କରିବ ନାହିଁ; କାରଣ ସଦାପ୍ରଭୁଙ୍କ ନାମ (ସ୍ୱଗୌରବରକ୍ଷଣେ) ଉଦ୍‌ଯୋଗୀ, ସେ (ସ୍ୱଗୌରବ ରକ୍ଷଣରେ) ଉଦ୍‌ଯୋଗୀ ପରମେଶ୍ୱର ଅଟନ୍ତି (ଯାତ୍ରାପୁସ୍ତକ ୩୪:୧୪)" ।
- ସେ ତାହାଙ୍କ ଗୌରବ ଅନ୍ୟ କାହାକୁ ଦିଅନ୍ତି ନାହିଁ । "ଆମ୍ଭେ ସଦାପ୍ରଭୁ; ଏହି ଆମ୍ଭର ନାମ; ପୁଣି, ଆମ୍ଭେ ଆପଣା ଗୌରବ ଅନ୍ୟକୁ, କିଅବା ଆପଣା ପ୍ରଶଂସା ଖୋଦିତ ପ୍ରତିମାଗଣକୁ ଦେବୁ ନାହିଁ (ଯିଶାଇୟ ୪୨:୮)" । ଯଦି କେହି ଈଶ୍ୱର ପାଇବାକୁ ଥିବା ଗୌରବ ଅନ୍ୟ କାହାକୁ ଦିଏ, ଈଶ୍ୱର ତାହା ସହ୍ୟ କରିବେ ନାହିଁ ।

- ଆମେ ଈଶ୍ୱରଙ୍କର ଭୁଲ ଉପସ୍ଥାପନା କରିଥାଉ । ଆମେ ଈଶ୍ୱରଙ୍କର ପରିଚୟକୁ ସୃଷ୍ଟ ବସ୍ତୁ ସଙ୍ଗେ ଯୋଡ଼ିଥାଉ ଯେତେବେଳେ ବାସ୍ତବରେ ସେ ସୃଷ୍ଟିକର୍ତ୍ତା ଅଟନ୍ତି । "ଆମ୍ଭେ ଯାହାର ସମାନ ହୋଇ ପାରିବୁ, ଏପରି କାହା ସଙ୍ଗରେ ତୁମ୍ଭେମାନେ ଆମ୍ଭର ଉପମା ଦେବ ?" (ଯିଶାଇୟ ୪୦:୨୫) । ଉଦାହରଣ ସ୍ୱରୂପ, ଯଦି କେହି ଆପଣଙ୍କର ଛବି ଆଙ୍କେ ଓ ଆପଣଙ୍କ ମୁଣ୍ଡକୁ ନ ଦେଖାଇ ଏକ ଅସରପାକୁ ସେଠାରେ ଦେଖାଏ ଏବଂ କହେ ଯେ ଏହି ଛବି ଆପଣଙ୍କର ତେବେ ଆପଣ ଏହା ପସନ୍ଦ କରିବେ କି ? ଆପଣ ଖୁସି ହେବା ପରିବର୍ତ୍ତେ 'ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ' ହେବେ ଅର୍ଥାତ୍ କ୍ରୋଧିତ ହେବେ ଯେ ସେମାନେ ଏପରି ବିକୃତ ଭାବେ ଆପଣଙ୍କୁ ଚିତ୍ରିତ କରିଛନ୍ତି । ଆମେ ସୃଷ୍ଟିକର୍ତ୍ତାଙ୍କ ପରିବର୍ତ୍ତେ ସୃଷ୍ଟବସ୍ତୁର ପୂଜା କଲେ ତାହା ହିଁ କରିଥାଉ । ଏହାଦ୍ୱାରା ଈଶ୍ୱରଙ୍କର ଭୁଲ ଉପସ୍ଥାପନା କରାଯାଇଥାଏ । ତେଣୁ ଈଶ୍ୱର ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟନ୍ତି ।

**ପ୍ରଶ୍ନ ୮: ଖ୍ରୀଷ୍ଟୀୟ ପ୍ରତିମାଗୁଡ଼ିକ ରଖିବା କ'ଣ ଭୁଲ ?**

ଯେ କୌଣସି ପ୍ରକାର ପ୍ରତିମୂର୍ତ୍ତି ବା ପ୍ରତିକୃତି ଯଦି ଉପାସନା, ଧ୍ୟାନ, ଭକ୍ତିର ବସ୍ତୁ ହୋଇଯାଏ, ଏହାକୁ ଯାହାର ନାମ ଦିଆଗଲେ ସୁଦ୍ଧା ବା ଯାହାକୁ ପ୍ରକାଶ କରୁଥିଲେ ସୁଦ୍ଧା ଏବଂ ଖ୍ରୀଷ୍ଟୀୟ ଉପାସନା ସ୍ଥଳରେ ସ୍ଥାନ ପାଇଥିଲେ ସୁଦ୍ଧା ତାହା ଭୁଲ ଅଟେ ।

ଶିଶୁ ଯୀଶୁ, ବାଳକ ଯୀଶୁ ବା ମଧ୍ୟ ବୟସ୍କ ଯୀଶୁଙ୍କର ପ୍ରତିମୂର୍ତ୍ତି ବା ଛବିକୁ ଆମେ ପୂଜା କରିବା ଅନୁଚିତ ବା ତା' ଆଗରେ ମହମବତୀ ଜଳାଇବା ଅନୁଚିତ । ଆପଣ କିପରି ଜାଣିଲେ ଯେ ତାହା ଯୀଶୁଙ୍କର ଛବି ? ତାହା ଅନ୍ୟ କାହାର ଛବି ମଧ୍ୟ ହୋଇପାରେ ଏବଂ ଆପଣ ତହିଁରେ ଦୀପ ଜାଳନ୍ତି ଓ ଫୁଲମାଳା ଚଢ଼ାନ୍ତି । ଈଶ୍ୱର କହନ୍ତି, "ତୁମ୍ଭେମାନେ ପୃଥିବୀସ୍ଥ କୌଣସି ପଶୁର ମୂର୍ତ୍ତି, କି ଭୂଚର କୌଣସି ପଶୁର ମୂର୍ତ୍ତି, କି ଆକାଶରେ ଉଡ଼ନ୍ତା କୌଣସି ପକ୍ଷୀର ମୂର୍ତ୍ତି, .... ନିର୍ମାଣ କରିବ ନାହିଁ" (ଦ୍ୱି.ବିବରଣ ୪:୧୭,୧୮) ।

ପ୍ରତିମାସବୁକୁ ଖ୍ରୀଷ୍ଟୀୟ ପ୍ରତିମା କହିବା ହାସ୍ୟାସ୍ପଦ ବିଷୟ ଏବଂ ସେସବୁ ଆଗରେ ପ୍ରଣାମ କରି ଆପଣ ଈଶ୍ୱରଙ୍କ ଉପାସନା କରୁଛି ବୋଲି କହିବା ଅନୁଚିତ । ଆପଣ କେବଳ "ଆତ୍ମା" ଓ "ସତ୍ୟରେ" ଈଶ୍ୱରଙ୍କର ଉପାସନା କରିବାକୁ ହେବ (ଯୋହନ ୪:୨୩,୨୪) ।

**ପ୍ରଶ୍ନ:୯ ମହମବତୀ ଜଳାଇବା ଭୁଲ କାହିଁକି ?**

ମହମବତୀ ଜାଳିବା ଭୁଲ ନୁହଁ, ଏହା ଏକ ପ୍ରତୀକାତ୍ମକ କାର୍ଯ୍ୟ । ଏହାର ଅନେକ କାରଣ ରହିଛି । ବିଦ୍ୟୁତ୍ ସଂଯୋଗ ନ ଥିଲେ ମହମବତୀ ଜଳାଯାଏ, ଜନ୍ମଦିନରେ, ବିବାହ ଉତ୍ସବରେ ଏକତାର ଏକ ପ୍ରତୀକାତ୍ମକ ମନୋଭାବ ରଖି, ଉତ୍ତମ ପରିବେଶ ନିମନ୍ତେ, ଇତ୍ୟାଦି ହେତୁ ମହମବତୀ ଜଳେଇବାକୁ ହୁଏ । ତେବେ ଯଦି କୌଣସି ପ୍ରତିମୂର୍ତ୍ତି ବା ପ୍ରତିକୃତି ଆଗରେ ପୂଜା କରିବା ଉଦ୍ଦେଶ୍ୟରେ ଏହା କରାଯାଏ ତେବେ ଆମେ "ଆତ୍ମା ଓ ସତ୍ୟରେ ଉପାସନା" (ଯୋହନ ୪:୨୩, ୨୪) ନୀତିର ବ୍ୟତିକ୍ରମ କରୁଛୁ । ଆପଣ ଯଦି ଭାବନ୍ତି ଯେ କୌଣସି ଛବି ଆଗରେ ମହମବତୀ ଜଳାଇଲେ ଈଶ୍ୱର ଖୁସି ହେବେ, ବା ଆପଣଙ୍କ ପ୍ରାର୍ଥନାର ଉତ୍ତର ଦେବେ କାରଣ ବତୀର ଶିଖା ଆପଣଙ୍କ ପ୍ରାର୍ଥନାକୁ ସ୍ୱର୍ଗକୁ ପହଞ୍ଚାଇଦେବ, ତେବେ ଆପଣ ନିଜକୁ ପ୍ରତାରଣା କରୁଛନ୍ତି । ବାଇବଲ କହେ ଆମେ ଈଶ୍ୱରଙ୍କୁ "ଆତ୍ମା ଓ ସତ୍ୟରେ" ଉପାସନା କରିବା, ମହମ ଓ ନିଆଁରେ ନୁହେଁ!

**ପ୍ରଶ୍ନ ୧୦: ମୋର ପ୍ରକୋଷ୍ଠରେ ରହୁଥିବା ବ୍ୟକ୍ତି ବା ମୋର ଜୀବନସାଥୀ ପ୍ରତିମା ରଖିଛନ୍ତି । ଏହା କ'ଣ ମୋତେ ପ୍ରଭାବିତ କରିବ ?**

ନା, ବାଇବଲ କହେ ଯେ ଆମେ ବାସ କରୁଥିବା ଜଗତ ପାପାତ୍ମାର ଅଧୀନ (୧ଯୋହନ ୫:୧୮,୧୯) । ଆମେ ଯେଉଁଆଡ଼େ ଗଲେ ମଧ୍ୟ ଭୂତମାନେ ଆମକୁ ଘେରି ରହିଥାନ୍ତି, ଯଦିବା ଆମେ ସେମାନଙ୍କୁ ଦେଖି ପାରି ନ ଥାଉ । ତେଣୁ, ଆପଣଙ୍କ ସହ ଏକତ୍ର ପ୍ରକୋଷ୍ଠରେ ରହୁଥିବା ବ୍ୟକ୍ତି ବା ଆପଣଙ୍କ ଜୀବନସାଥୀ ଯଦି ପ୍ରତିମା ରଖିଛନ୍ତି ତେବେ ତାହା ଆପଣଙ୍କୁ ପ୍ରଭାବିତ କରିବ ନାହିଁ, ଯଦି ଆପଣ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ନିଜକୁ

ସୁରକ୍ଷିତ ରଖନ୍ତି । ତେଣୁ ଭୟ କରନ୍ତୁ ନାହିଁ । ନିଜକୁ ପରିଷ୍କୃତ ରଖନ୍ତୁ, ଆପଣ ରହୁଥିବା ସ୍ଥାନକୁ ପରିଷ୍କାର କରି ରଖନ୍ତୁ । ତା' ହେଲେ ଆପଣଙ୍କର କିଛି କ୍ଷତି ହେବ ନାହିଁ । ପୁନର୍ଜନ୍ମ ପାଇଥିବା ବ୍ୟକ୍ତିକୁ ପାପାତ୍ମା ସ୍ପର୍ଶ କରି ପାରିବ ନାହିଁ । ଭୟ କରି ବା ପ୍ରତିମାପୂଜା କରି ମନ୍ଦାତ୍ମାକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ । ମନେ ରଖନ୍ତୁ, ଯେ ଆପଣଙ୍କଠାରେ ଅଛନ୍ତି, ସେ ଜଗତରେ ଯେ ଅଛି, ତାହାଠାରୁ ମହାନ୍ (୧ଯୋହନ ୪:୪) ।

### ପ୍ରଶ୍ନ ୧୧: ବଂଶଗତ ବନ୍ଧନ ଈଶ୍ୱରକୃତ ଅଥବା ଶୟତାନକୃତ ?

ଆମ ପୂର୍ବପୁରୁଷମାନଙ୍କର ପାପ, ମାନତ ଓ ଉପହାର ଉତ୍ସର୍ଗ, ପୈଶାଚିକ ପ୍ରଭାବ ଓ ବନ୍ଧନ ନିମନ୍ତେ ଦ୍ୱାର ଖୋଲିଦେଲା । ବାଇବଲର ଅନେକ ସ୍ଥାନରେ ଲେଖାଯାଏ ଯେ ଈଶ୍ୱର କହନ୍ତି ସେ କିଛି "କରିବେ" ବା "ରୋଗ ପଠାଇବେ, ଲୋକଙ୍କୁ ମୂକ ଓ ବଧିର କରିବେ ବା ମନ୍ଦ ଆତ୍ମା ପଠାଇବେ" । ଧର୍ମଶାସ୍ତ୍ରର ଆଲୋକରେ ଏହାର ଯଥାର୍ଥ ବ୍ୟାଖ୍ୟା ହେଉଛି ଈଶ୍ୱର ନିଜେ ଏହା କରନ୍ତି ନାହିଁ । ଶୟତାନ ହିଁ ଏହା କରିଥାଏ ।

ଈଶ୍ୱର ଆପଣା ସାଧାରଣ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିକୁ ସୁରକ୍ଷା ପ୍ରଦାନ କରିଥାନ୍ତି । ଯୀଶୁ କହନ୍ତି ଈଶ୍ୱର ତାଙ୍କର ସୂର୍ଯ୍ୟ ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଉଦୟ କରାନ୍ତି, ଧାର୍ମିକ ଓ ଅଧାର୍ମିକମାନଙ୍କର ଉପରେ ବୃଷ୍ଟି ବର୍ଷାନ୍ତି । ତେବେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ଇଚ୍ଛା ବା ନିୟମର ଉଲଙ୍ଘନ କଲେ, ସେ ଜାଣିଶୁଣି ଶତ୍ରୁର ଅଞ୍ଚଳକୁ ଚାଲିଯାଏ ଯେଉଁଠାରେ ଶତ୍ରୁ ତାକୁ କ୍ଷତି କରେ, ହଇରାଣ କରେ ଓ ବିନାଶ କରେ । ସେଥିପାଇଁ ଆପଣ ଈଶ୍ୱରଙ୍କୁ ନିନ୍ଦା କରିପାରିବେ ନାହିଁ । ଜଣେ ବ୍ୟକ୍ତିର କାର୍ଯ୍ୟ ଯୋଗୁଁ ଈଶ୍ୱରଙ୍କ ସାଧାରଣ ସୁରକ୍ଷା ବ୍ୟବସ୍ଥାରୁ ବାହାରି ଯାଇଥାଏ, ଫଳତଃ ଶୟତାନ ତା' ଉପରେ ପ୍ରଭାବ ବିସ୍ତାର କରି କର୍ତ୍ତୃତ୍ୱ କରେ ଓ ଉତ୍ପୀଡ଼ିତ କରେ । ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱାଧୀନତା ଦେଇଛନ୍ତି ଯେପରି କି ସେମାନେ ନିଜର ପସନ୍ଦ ଅନୁସାରେ ମନୋନୟନ କରିବେ ଓ ନିଜ ରାସ୍ତାରେ ଚାଲିବେ । ସାଧାରଣତଃ ଲୋକମାନେ ଯେଉଁ ରାସ୍ତା ମନୋନୀତ କରନ୍ତି, ଶୟତାନ ସେହି ରାସ୍ତାରେ ସେମାନଙ୍କୁ ଧରି ବନ୍ଧନ ମଧ୍ୟରେ ରଖିଦିଏ । ଈଶ୍ୱର ଆପଣା ପରିଚୟ ପ୍ରଦାନ କରି କହନ୍ତି, "ଆମ୍ଭେ ସଦାପ୍ରଭୁ ତୁମ୍ଭର ଆରୋଗ୍ୟକାରୀ ।" ସେ କେବେହେଲେ କହିନାହାନ୍ତି "ଆମ୍ଭେ ସଦାପ୍ରଭୁ ତୁମ୍ଭର ରୋଗ ପ୍ରଦାନକାରୀ" । ଆଜିର ଭାଷାରେ ସେ ଆପଣଙ୍କର "ଡାକ୍ତର" ।

ସରଳଭାବରେ କହିଲେ, ଆପଣ ଅସୁସ୍ଥ ହୋଇପଡ଼ିଲେ ଆପଣ କେବେ ଡାକ୍ତରଙ୍କ ପାଖକୁ ଯାଇ କହନ୍ତି କି, "ଡାକ୍ତର ମହାଶୟ, ଆଜି ଯଦି ଆପଣଙ୍କର ପବିତ୍ର ଇଚ୍ଛା ରହିଛି, ଲୋକମାନଙ୍କ ସୁସ୍ଥ କରିବାର ମିଜାଜ୍ ରହିଛି ଓ ଯଦି ଆପଣଙ୍କର ସଦିଚ୍ଛା ରହିଛି, ତେବେ ମୋ ଶରୀରରେ କ'ଣ ସମସ୍ୟା ରହିଛି ଅନୁସନ୍ଧାନ କରନ୍ତୁ ଓ ମୁଁ ସୁସ୍ଥ ହେବାରେ ମୋତେ ସାହାଯ୍ୟ କରନ୍ତୁ ?" ଡାକ୍ତରଙ୍କ ପାଖକୁ ଆମେ ଏହି ଆଶାରେ ଯାଇଥାଉ ଯେପରି ସେ ଯଥାସାଧ୍ୟ ଚେଷ୍ଟା କରି ଆମକୁ ସୁସ୍ଥ ହେବା ଦିଗରେ କଢ଼ାଇ ନିଅନ୍ତି, ଅସୁସ୍ଥତା ଆଡ଼କୁ ନୁହେଁ । କିନ୍ତୁ ଈଶ୍ୱରଙ୍କ ସଙ୍ଗେ ଆମର ସମ୍ପର୍କରେ ଆମେ ପକ୍ଷପାତ ବ୍ୟବହାର ଦେଖାଇଥାଉ । ଈଶ୍ୱର କହନ୍ତି, "ମୁଁ ଯିହୋବା ରାଫା (ତୁମର ଆରୋଗ୍ୟକାରୀ, ଡାକ୍ତର), ଯିହୋବା-ଯିରି (ଯୋଗାଣକର୍ତ୍ତା), ଯିହୋବା-ନିଷି (ଯେ ତୁମକୁ ବିଜୟ ପ୍ରଦାନ କରନ୍ତି), ତୁମର ରକ୍ଷକ, ତୁମର ଧାର୍ମିକତା" । ଆମେ କିନ୍ତୁ ତାଙ୍କୁ ପଚାରିଥାଉ, "ତୁମର ପବିତ୍ର ଇଚ୍ଛା ଯଦି ରହିଥାଏ ମୋତେ ସୁସ୍ଥ କର" । ଈଶ୍ୱର ଆମକୁ ସୁସ୍ଥ କରିବାକୁ ଓ ଆଶୀର୍ବାଦ ଦେବାକୁ ଚାହାନ୍ତି । ଆମେ ଯଦି ଜଣେ ଡାକ୍ତରଙ୍କ ସହିତ ଏପରି ଭାବରେ କଥାବାର୍ତ୍ତା କରି ନ ଥାଉ, ପ୍ରଭୁଙ୍କ ସହିତ କାହିଁକି ସେପରି କଥାବାର୍ତ୍ତା କରିବା ? ଅନ୍ୟ ଏକ ସାଧାରଣ ଉଦାହରଣ ହେଉଛି, ଈଶ୍ୱର ସମସ୍ତଙ୍କୁ ସ୍ୱର୍ଗକୁ ନିମନ୍ତ୍ରଣ କରନ୍ତି, ନରକକୁ ନୁହେଁ; ତେବେ ଲୋକେ ସ୍ୱର୍ଗ ଅପେକ୍ଷା ନରକକୁ ଯିବାକୁ ମନୋନୀତ କରନ୍ତି । ଈଶ୍ୱର ସେମାନଙ୍କୁ ନରକକୁ ପଠାନ୍ତି ନାହିଁ । ତେଣୁ ଆମେ ତାଙ୍କୁ ଏଥିପାଇଁ ଦାୟୀ କରିପାରିବା ନାହିଁ । ତେଣୁ ଈଶ୍ୱର ବଂଶଗତ ବନ୍ଧନ ଆଣି ନ ଥାନ୍ତି । ଏହା ଶୟତାନର କାର୍ଯ୍ୟ ଏବଂ ଆମର ପାପପୂର୍ଣ୍ଣ କାର୍ଯ୍ୟକଳାପ ଯୋଗୁଁ ଏହା ଆସିଥାଏ ।

# ପ୍ରସ୍ତୁତି

- ପୂଜା ପାଉଥିବା ବସ୍ତୁଗୁଡ଼ିକୁ ବାହାର କରି ଦିଅନ୍ତୁ, ଯାହା ପୂର୍ବରୁ ବ୍ୟବହୃତ ହୋଇଆସୁଛି । ସନ୍ଦେହଜନକ ବିଷୟକୁ ବାହାର କରି ପକାନ୍ତୁ ।
- ଗୁପ୍ତ ବିଦ୍ୟାରେ ଅଂଶଗ୍ରହଣରୁ ନିବୃତ୍ତ ହୁଅନ୍ତୁ- ସମ୍ମୋହନ ବିଦ୍ୟା, ଯାଦୁବିଦ୍ୟା, ମନକୁ ପଢ଼ିବା, ଜ୍ୟୋତିଷବିଦ୍ୟା, ଜାତକ, ସଂଖ୍ୟା ସମ୍ବନ୍ଧିତ ଗୂଢ଼ତତ୍ତ୍ୱର ଅଧ୍ୟୟନ, ହସ୍ତରେଖା ଦେଖିବା, ମନ୍ତ୍ରକବଚ ପିନ୍ଧିବା, ଡ଼େଉଁରିଆ ପିନ୍ଧିବା, ରତ୍ନପଥର ପିନ୍ଧିବା, ଭାଗ୍ୟଶାଳୀ ସଂକେତ, ତାବିଜ ପିନ୍ଧିବା, ଗ୍ରହନକ୍ଷତ୍ରଙ୍କ ସ୍ଥିତି ଅନୁସାରେ ପ୍ରସ୍ତୁତ ଡେଉଁରିଆ ପିନ୍ଧିବା, ମେଟାଲ୍ ଓ ରକ୍ ସଙ୍ଗୀତ- ଏସବୁ ଅଧାର୍ମିକତାକୁ ବଢ଼ାଏ ।
- ଭ୍ରାନ୍ତଧର୍ମସବୁରୁ ଦୂରେଇ ରୁହନ୍ତୁ (ଯିହୋବାସ୍ ୱିଟ୍‌ନେସ୍, ଫ୍ରି ମାସୋନ୍ରି), ମିଥ୍ୟାମତ, ମିଥ୍ୟା ଦେବାଦେବୀ ପୂଜା, ବିଭିନ୍ନ ଦର୍ଶନ ବିଦ୍ୟା । ଏସବୁ ଈଶ୍ୱରଙ୍କ ବାକ୍ୟର ପରିପନ୍ଥୀ ।
- ପ୍ରଭୁ ଯୀଶୁ କ୍ରୁଶରେ ଯାହା ସାଧନ କରିଅଛନ୍ତି ସେଥିରେ ବିଶ୍ୱାସ କରନ୍ତୁ । ଆପଣଙ୍କ ପିତୃପୁରୁଷମାନେ ଯାହା ନିକଟରେ ବିଶ୍ୱସ୍ତ ଥିଲେ ତାକୁ ଛାଡ଼ି ଆପଣ ଖ୍ରୀଷ୍ଟଙ୍କ ଆନୁଗତ୍ୟ ସ୍ୱୀକାର କରନ୍ତୁ, ତାଙ୍କ ପ୍ରତି ବିଶ୍ୱସ୍ତ ରୁହନ୍ତୁ ।
- ଈଶ୍ୱରଙ୍କ ପ୍ରତି ସମ୍ପୂର୍ଣ୍ଣ ବାଧ୍ୟ ରୁହନ୍ତୁ ।
- ଆଶୀର୍ବାଦ ପାଇବାକୁ ହେଲେ ଦଶମାଂଶ ଓ ଅନ୍ୟାନ୍ୟ ଦାନ ଦିଅନ୍ତୁ । ତାଙ୍କର ବାକ୍ୟ ପାଳନ କରନ୍ତୁ । ପବିତ୍ର ଜୀବନ ଯାପନ କରନ୍ତୁ ।
- ପବିତ୍ର ଆତ୍ମାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେପରି ସେ ଆପଣ ଓ ଆପଣଙ୍କ ପୂର୍ବପୁରୁଷ କେଉଁ କ୍ଷେତ୍ରରେ ବନ୍ଧନରେ ଅଛନ୍ତି ତାହା ଦେଖାଇଦେବେ । ସେସବୁକୁ ଜାଣନ୍ତୁ ଓ ନିମ୍ନମତେ ପ୍ରାର୍ଥନା କରନ୍ତୁ ଯେପରି ଈଶ୍ୱର ଉକ୍ତ ବନ୍ଧନସବୁରୁ ମୁକ୍ତ କରିବେ ।

# ପ୍ରାର୍ଥନା

*ପ୍ରଭୁ ଯୀଶୁ, ମୁଁ ବିଶ୍ୱାସ କରେ ଯେ ତୁମେ ମୋ ନିମନ୍ତେ କ୍ରୁଶରେ ମୃତ୍ୟୁଭୋଗ କଲ । ଶୟତାନର ସମସ୍ତ ଶକ୍ତିରୁ ମୋତେ ମୁକ୍ତ କରିବାକୁ ତୁମେ ଆପଣା ରୁଧିର ବୁହାଇଲ । ମୋତେ ସମସ୍ତ ନିରର୍ଥକ ଓ ଅଦରକାରୀ ଜୀବନଶୈଳୀରୁ ଏବଂ ମୋର ପିତୃପୁରୁଷମାନଙ୍କଠାରୁ ପାଇଥିବା ଏପରି ଜୀବନ ଯାପନର ପରିଣାମରୁ ମୁକ୍ତ କରିବାକୁ ତୁମେ ଆପଣା ରକ୍ତ ବୁହାଇଲ । ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ସେଥିହେତୁ ମୁଁ ଆଜି ମୋର ମୁକ୍ତି ଦାବି କରୁଛି ।*

*ମୋ ଜୀବନରେ ଥିବା ପ୍ରତ୍ୟେକ ପାପ ଓ ବିଦ୍ରୋହ ନିମନ୍ତେ ମୁଁ ଅନୁତାପ କରୁଛି । ମୋର ପାପ ଓ ବିଦ୍ରୋହର ପରିଣାମଠାରୁ ମୁଁ ମୁକ୍ତି ଗ୍ରହଣ କରୁଛି ।*

*ମୋର ପିତୃପୁରଷମାନଙ୍କଠାରେ ଥିବା ପ୍ରତ୍ୟେକ ପାପ ଓ ବିଦ୍ରୋହ ନିମନ୍ତେ ମୁଁ ଅନୁତାପ କରୁଛି ଓ ସେସବୁକୁ ପରିତ୍ୟାଗ କରୁଛି । ସେମାନଙ୍କ ପାପ ଓ ବିଦ୍ରୋହର ପରିଣାମରୁ ମୁଁ ମୁକ୍ତି ଗ୍ରହଣ କରୁଛି ।*

*ପ୍ରଭୁ ଯୀଶୁଙ୍କ ନାମର ଓ ତାଙ୍କର ରକ୍ତର ଶକ୍ତିରେ ମୋର ପିତୃପୁରୁଷମାନଙ୍କଠାରୁ ପାଇଥିବା ମୋ ଜୀବନର ପ୍ରତ୍ୟେକ ବନ୍ଧନ ଓ ଅଭିଶାପ ଉପରେ ମୁଁ ଅଧିକାର ସାବ୍ୟସ୍ତ କରୁଛି । ମୁଁ ପ୍ରତ୍ୟେକ ବନ୍ଧନକୁ ଛିନ୍ନ କରୁଛି ଏବଂ ପ୍ରତ୍ୟେକ ଅଭିଶାପ ଓ ଏହାର ପରିଣାମକୁ ପ୍ରଭାବହୀନ କରୁଛି ।*

*ମୁଁ ସମସ୍ତ ମାନତ, ଅଭିଶାପ, ଉପହାର ଉତ୍ସର୍ଗ, ପାପପୂର୍ଣ୍ଣ କାର୍ଯ୍ୟ, ମାନସିକ ଆଘାତ, ଚୁକ୍ତିସମୂହ, ଆନୁଗତ୍ୟ ସ୍ୱୀକାର ସିଦ୍ଧାନ୍ତସବୁକୁ ମୁଁ ରଦ୍ଦ ଘୋଷଣା କରୁଛି, କାରଣ ଏସବୁ ନେଇ ଶୟତାନ ମୋର ପିତାଙ୍କ ଆଡୁ ବା ମୋ ମାତାଙ୍କ ଆଡୁ ମୋଠାରେ ପ୍ରବେଶ କରିବାର ଅଧିକାର ପାଇଥିଲା । ଅନ୍ୟମାନଙ୍କ ଆଡୁ ଆସିଥିବା ଅଭିଶାପସବୁକୁ ଓ ନିଜ ଆଡୁ ଆସିଥିବା ଅଭିଶାପସବୁକୁ ମଧ୍ୟ ମୁଁ ରଦ୍ଦ ଘୋଷଣା କରୁଅଛି ।*

*ଯୀଶୁଙ୍କ ନାମରେ ଓ ଖ୍ରୀଷ୍ଟଙ୍କ ରକ୍ତର ଶକ୍ତି ଦ୍ୱାରା, ମୁଁ ମୋ ଜୀବନକୁ ପ୍ରଭାବିତ କରିଥିବା ଶତ୍ରୁର ସମସ୍ତ ଶକ୍ତି ଓ ପ୍ରଭାବକୁ ମୁଁ ଛିନ୍ନ କରୁଛି ।*

*ମୁଁ ଏବେ ମୁକ୍ତ ଅଟେ, କାରଣ ଯୀଶୁ ମୋତେ ମୁକ୍ତ କରିଅଛନ୍ତି !*

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

## ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work*
Breaking Personal and Generational Bondages*
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them*
Open Heavens*
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂସ୍ଲିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରୈରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

## ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




**ଏଥିରେ ଥିବା ସୁବିଧାଗୁଡ଼ିକ:**

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ:
# ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block |
| Branch Name: R.T Nagar Branch, Bangalore | HRBR Layout, Kalyan Nagar, Bangalore 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଲୋକମାନେ ସମ୍ମୁଖୀନ ହେଉଥିବା କେତେକ ସମସ୍ୟାର ଉତ୍ସ ସେମାନଙ୍କ ପୂର୍ବ ପିଢ଼ି ହୋଇପାରନ୍ତି, କାରଣ ସେମାନଙ୍କ ମଧ୍ୟରୁ କେହି ପାପପୂର୍ଣ୍ଣ ଜୀବନଶୈଳୀ ବିତାଇଥିଲେ ବା ତାନ୍ତ୍ରିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ବଂଶଗତ ବନ୍ଧନସବୁ କ'ଣ ତାହା ବୁଝିବା ଓ ସେସବୁକୁ ଛିନ୍ନ କରିବା ଅତି ଗୁରୁତ୍ୱପୂର୍ଣ୍ଣ । ଆମର ମୁକ୍ତି କ୍ରୁଶରେ ହାସଲ କରାଯାଇଛି । ଯୀଶୁ ଆସିଥିଲେ ଯେପରି ସେ ଶୟତାନର ପ୍ରତ୍ୟେକ କାର୍ଯ୍ୟକୁ ବିନାଶ କରିବେ, ଆମ ଜୀବନରେ ତାହା ଯେକୌଣସି ମତେ ପ୍ରବେଶ କରିଥାଉ ପଛକେ ତାହାର ବିନାଶ ହୋଇସାରିଛି । ଏହି ପୁସ୍ତକ ଆପଣଙ୍କୁ ବୁଝିବାରେ ସାହାଯ୍ୟ କରିବ କିପରି ବ୍ୟକ୍ତିଗତ ଓ ବଂଶଗତ ବନ୍ଧନସବୁକୁ ଚିହ୍ନଟ କରିବେ ଓ ସେସବୁକୁ ଛିନ୍ନ କରିପାରିବେ । ମୁକ୍ତ ହୁଅନ୍ତୁ । ଯୀଶୁ ଆମକୁ ଯେଉଁ ପ୍ରଚୁର ଜୀବନ ଦେବାକୁ ଆସିଥିଲେ ତାହା ପ୍ରାପ୍ତ ହୋଇ ଜୀବନ ଯାପନ କରନ୍ତୁ ।

ଆଶିଷ୍ ରାଇଚୁର୍

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org